

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ମଙ୍ଗଳବାର ୧୮ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 18 November 2025

Vol.No. 36 ■ No.303 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ

ସାଗରିକା ପୂଜା ସଂଖ୍ୟା

ସାଗରିକା

ଡିଜିଟାଲ୍ ଫର୍ମାଟରେ

ମଧ୍ୟ ଉପଲବ୍ଧ...

website : sagarika.in.net


## ମଦିନା ନିକଟରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା

### ୪୨ ଜଣ ଭାରତୀୟ ଉମରାହ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଆଶଙ୍କା



ରିଆଦ (ସାଉଦି ଆରବ)/ ନୂଆଦିଲ୍ଲୀ (ଭାରତ), ୧୭ ନଭେମ୍ବର (ହି.ସ)- ମକ୍କାରୁ ମଦିନା ଯାଉଥିବା ଭାରତୀୟ ଉମରାହ ତୀର୍ଥଯାତ୍ରୀଙ୍କ ବସ୍ ଭାରତୀୟ ସମୟାନୁସାରେ ରବିବାର ରାତି ପ୍ରାୟ ଦେଢଟା ସମୟରେ ଏକ ଡିଜେଲ ଟ୍ୟାଙ୍କର ସହିତ ଧକ୍କା ଦେଇଥିଲା। ଧକ୍କା ପରେ ବସ୍‌ଟି ନିଆଁ ଲାଗିଯାଇଥିଲା।ଏହି ଦୁର୍ଘଟଣାରେ ଅନ୍ୟୁନ ୪୨ ଜଣଙ୍କ ମୃତ୍ୟୁ ଆଶଙ୍କା କରାଯାଉଛି। ଦୁର୍ଘଟଣା ସମୟରେ ଅନେକ ଯାତ୍ରୀ ଶୋଇଥିଲେ ଆଉ ଏ ଭୟଙ୍କର ଦୁର୍ଘଟଣା ତାଙ୍କୁ ସବୁଦିନ ପାଇଁ ଶୁଆଇଦେଇଛି । ଏଥିରେ ୧୧ ଜଣ ମହିଳା ଏବଂ ୧୦ ଜଣ ଶିଶୁ ସାମିଲ ହେବା କଥା କୁହାଯାଉଛି। ବର୍ତ୍ତମାନ ସ୍ଥାନୀୟ ଅଧିକାରୀ ସଂଖ୍ୟା ନିଶ୍ଚିତ କରିଛନ୍ତି।ଗଲ୍ଫ ନ୍ୟୁଜ୍ ଅନୁଯାୟୀଏହି ଦୁର୍ଘଟଣା ମଦିନାରୁ ପ୍ରାୟ ୧୬୦ କିଲୋମିଟର ଦୂରରେ ମୁହରାସ-ମୁଫ୍ରିହାଟ ନିକଟରେ ଏହି ଦୁର୍ଘଟଣା ଘଟିଛି। ସାଉଦି ଆରବ ଉଦ୍ଧାରକାରୀ ଦଳ ନିଶ୍ଚିତ କରିଛନ୍ତି ଯେ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଛି। କୌଣସି ପୀଡିତଙ୍କୁ ଚିହ୍ନଟ କରିବା କଷ୍ଟକର। ଗୁରୁତର ପୋଡ଼ିଯାଇଥିବା ଜଣେ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ସାଉଦି ନାଗରିକ ସୁରକ୍ଷା ଏବଂ ପୋଲିସ ଦଳ ସୁଚନା ମିଳିବା ମାତ୍ରେ ସୂଚନା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଭାରତୀୟ ଅଧିକାରୀ ଏବଂ ଉମରାହ ଏଜେନ୍ସି ପ୍ରତିନିଧିମାନେ ପୀଡିତଙ୍କ ପରିବାର ସହିତ ସମନ୍ୱୟ ସ୍ଥାପନ କରିବାକୁ ଚେଷ୍ଟା କରୁଛନ୍ତି। ଭାରତର ହାଇଦ୍ରାବାଦ ସହରରେ ତୀର୍ଥଯାତ୍ରୀଙ୍କ ସମ୍ପର୍କୀୟମାନେ ଚିନ୍ତିତ ଏବଂ ଟ୍ରାଭେଲ୍ ଅପରେଟର ଏବଂ ଅଧିକାରୀଙ୍କ ସହିତ ଯୋଗାଯୋଗ କରୁଛନ୍ତି। ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେଓ୍ୱନ୍ତ ରେଡ୍ଡୀ ଦୁର୍ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ କିଛି ପୀଡିତ ହାଇଦ୍ରାବାଦର ହୋଇପାରନ୍ତି। ହାଇଦ୍ରାବାଦର ସାଂସଦ ଅସଦୁଦ୍ଦିନ ଓୱେସି ମଧ୍ୟ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ଏପଟେ ଘଟଣାକୁ ନେଇ ବିଭିନ୍ନ ରାଜନେତା ଶୋକପ୍ରକାଶ କରିବା ସହ ତୁରନ୍ତ ଶବଗୁଡ଼ିକୁ ଭାରତ ଆଣିବା ପାଇଁ ବ୍ୟବସ୍ଥା କରନ୍ତୁ ବୋଲି ଅପିଲ କରିଛନ୍ତି । ତୀର୍ଥଯାତ୍ରାରେ ସାଉଦି ଆରବକୁ ଯାଇଥିବା ମୁସଲମାନ ଭାଇ-ଭଉଣୀଙ୍କ ଏଭଳି ହୃଦୟଥରା ମୃତ୍ୟୁ ସାରା ଭାରତୀୟଙ୍କୁ ମର୍ମାହତ କରିଛି ।

## ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ

### ଶେଖ୍ ହସିନାଙ୍କୁ ଫାଶୀଦଣ୍ଡ



ନୂଆଦିଲ୍ଲୀ, ୧୭/୧୧ : ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ରାୟ ଶୁଣାଇ ଫାଶୀଦଣ୍ଡ ଶୁଣାଇଛନ୍ତି । ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ଫାଶୀଦଣ୍ଡ । ଅନ୍ତରାଷ୍ଟ୍ରୀୟ ଅପରାଧ ଟ୍ରିବ୍ୟୁନାଲ୍ ଆଜି ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଉପରେ ରାୟ ଶୁଣାଇ ଫାଶୀଦଣ୍ଡ ଶୁଣାଇଛନ୍ତି । ବାଂଲାଦେଶର ଗାଦିଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ତାଙ୍କୁ ନରସଂହାର ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି ବାଂଲାଦେଶ କୋର୍ଟ । ବିକ୍ଷୋଭକାରୀଙ୍କୁ ହତ୍ୟା ନେଇ ହୋଇଥିଲା ମାମଲା । ରାଜଧାନୀ ଢାକା ସମେତ ସମଗ୍ର ବାଂଲାଦେଶରେ ଚାପା ଉତ୍ତେଜନା ଲାଗି ରହିଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ହାଇଆଲର୍ଟରେ ରହିଛି ପୂରା ଦେଶ । ଇଣ୍ଟରନ୍ୟାସନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ୍ ?ଙ୍କ ରାୟ ପୂର୍ବରୁ ଦେଶରେ ଜାରି ହୋଇଥିଲା ହାଇଆଲର୍ଟ । ଏଠାରେ ସ୍ପଷ୍ଟ ଭାବରେ କହିରଖୁଛୁ କି, ୨୦୨୪ ମସିହା ଜୁଲାଇ ମାସରେ ସରକାରୀ ଚାକିରିରେ ଥିବା କୋଟା ବ୍ୟବସ୍ଥାର ସଂସ୍କାର ଦାବିରେ ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଥିଲେ । କିନ୍ତୁ ଏହି ଆନ୍ଦୋଳନ ଏକ ବଡ଼ ଜନ ଆନ୍ଦୋଳନର ରୂପ ନେଇଥିଲା, ଯେଉଁଥିରେ ଶେଖ ହସିନାଙ୍କ ଇସ୍ତଫା ଦାବି କରାଯାଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସରକାର କଠୋର ପଦକ୍ଷେପ ଗ୍ରହଣ କରିଥିଲେ । ଜାତିସଂଘର ତଦନ୍ତକାରୀଙ୍କ ଅନୁଯାୟୀ, ଏହି ହିଂସାରେ ପ୍ରାୟ ୧,୪୦୦ ସାଧାରଣ ନାଗରିକଙ୍କର ମୃତ୍ୟୁ ହୋଇଥିଲା । ୫ ଅଗଷ୍ଟ ୨୦୨୪ ରେ ଶେଖ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଦେଶ ଛାଡି ଭାରତ ପଳାଇଆସିଥିଲେ । ଏହାପରେ ନୋବେଲ ପୁରସ୍କାର ବିଜେତା ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ଅନ୍ତରୀଣ ସରକାର ଗଠନ କରାଯାଇଥିଲା । ନୂତନ ଭାବେ ଗଠିତ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ (ଆଇସିଟି) ଶେଖ ହସିନାଙ୍କ ବିରୋଧରେ ମାନବିକତା ବିରୋଧୀ ଅପରାଧର ଅନେକ ଅଭିଯୋଗ ଆଣିଥିଲା ।

▶▶ପୃଷ୍ଠା ୭

### ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ପାଇଁ ଟିକେଟ୍ ବିକ୍ରି ଡିସେମ୍ବର ୧ରୁ

ଭୁବନେଶ୍ୱର, ୧୭ /୧୧ : (ନି.ପ୍ର) କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ୍ ପାଇଁ ଡିସେମ୍ବର ୧ ରୁ ଟିକେଟ୍ ବିକ୍ରି ଆରମ୍ଭ ହେବ। ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଏହି ସୂଚନା ଦେଇଛନ୍ତି। ଓସିଏ ସମ୍ପାଦକ କହିଛନ୍ତି ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ କଟକ ଟି-୨୦ ମ୍ୟାଚ୍ ପାଇଁ ଅନଲାଇନ୍ ଟିକେଟ୍ ଡିସେମ୍ବର ୧ରେ ବିକ୍ରି ଆରମ୍ଭ ହେବ। ସେହିପରି ଅଫଲାଇନ୍ ଟିକେଟ ଡିସେମ୍ବର ୫ରୁ ଆରମ୍ଭ ହେବ। ଅଫଲାଇନ୍ ରେ ଟିକେଟ୍ ଛଅଟି କାଉଂଟରରେ ବିକ୍ରି ହେବ। ସେହିପରି, ଅନୁବନ୍ଧିତ ସଂଘ ଏବଂ କ୍ଲବଗୁଡ଼ିକ ଡିସେମ୍ବର ୩ ଏବଂ ୪ ରେ ସେମାନଙ୍କର ଟିକେଟ୍ ପାଇବେ। ଅନଲାଇନ୍ ଏବଂ ଅଫ୍-ଲାଇନ୍ ଉଭୟରେ କେତେ ଟିକେଟ୍ ବିକ୍ରି ହେବ ସେ ବିଷୟରେ ସଂଘ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତି ନେଇନାହିଁ। ସୂଚନାଯୋଗ୍ୟ, ଆସନ୍ତା ୯ ଡିସେମ୍ବରରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

### ୧୯ରେ ଚାଷୀଙ୍କୁ ମିଳିବ ପିଏମ୍ କିଷାନ ଟଙ୍କା

ଭୁବନେଶ୍ୱର, ୧୭ /୧୧ : (ନି.ପ୍ର)- ୧୯ ତାରିଖରେ ଚାଷୀଙ୍କୁ ମିଳିବ ପିଏମ୍ କିଷାନ ଟଙ୍କା । ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ଅଧୀନରେ, ପ୍ରାୟ ୯ କୋଟି ଚାଷୀଙ୍କ ନିକଟକୁ ପ୍ରାୟ ୧୮,୦୦୦ କୋଟି ଟଙ୍କାର ସମ୍ମାନ ରାଶି ମିଳିବ । ଏହି ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ବାର୍ଷିକ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି । ରାଜ୍ୟର ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଆସିବ ଟଙ୍କା ।

## ଭାରତ କହିଛି 'ଆମେ ବାଂଲାଦେଶୀ ନାଗରିକଙ୍କ ସ୍ୱାର୍ଥ ପାଇଁ ପ୍ରତିବଦ୍ଧ'

ନୂଆଦିଲ୍ଲୀ, ୧୭ /୧୧ : ପୂର୍ବତନ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ବିରୁଦ୍ଧରେ ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲର ନିଷ୍ପତି ଉପରେ ପ୍ରତିକ୍ରିୟା ପ୍ରକାଶ କରି ଭାରତ ଆଜି କହିଛି ଯେ ଏହା ସର୍ବଦା ଏହାର ପଡ଼ୋଶୀ ଦେଶର ନାଗରିକଙ୍କ ସର୍ବୋତମ ସ୍ୱାର୍ଥ ପାଇଁ ପ୍ରତିବଦ୍ଧ। ସୋମବାର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଜାରି ଏକ ବିବୃତିରେ କୁହାଯାଇଛି ଯେ ଭାରତ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କ ସମ୍ପର୍କରେ ବାଂଲାଦେଶ ପାଇଁ ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲର ନିଷ୍ପତିକୁ ଧ୍ୟାନ ଦେଇଛି। ଏକ ନିକଟତମ ପଡ଼ୋଶୀ ଭାବରେ, ଭାରତ ବାଂଲାଦେଶର ଲୋକଙ୍କ ସର୍ବୋତମ ସ୍ୱାର୍ଥ ପାଇଁ ପ୍ରତିବଦ୍ଧ, ଯେଉଁଥିରେ ଶାନ୍ତି, ଗଣତନ୍ତ୍ର, ଅନ୍ତର୍ଭୁକ୍ତି ଏବଂ ସେହି ଦେଶରେ ସ୍ଥିରତା ଅନ୍ତର୍ଭୁକ୍ତ। ଆମେ ସର୍ବଦା ଏହି ଦିଗରେ ସମସ୍ତ ଅଂଶୀଦାରଙ୍କ ସହିତ ଗଠନମୂଳକ ଭାବରେ କାର୍ଯ୍ୟ କରିବୁ। ଉଲ୍ଲେଖନୀୟ ଯେ ବାଂଲାଦେଶ ପାଇଁ ଆନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଆଜି ମାନବତା ବିରୋଧୀ ଅପରାଧ ସହିତ ଜଡିତ ଏକ ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହାସିନାଙ୍କୁ ମୃତ୍ୟୁଦଣ୍ଡ ଦେଇଛି। ଡକ୍ଟର ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ମଧ୍ୟବର୍ତୀକାଳୀନ ସରକାର ନିଷ୍ପତି ପରେ ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ଅନୁରୋଧ କରିଛି। ବାଂଲାଦେଶର ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି ଯେ ଏହା ଦୁଇ ଦେଶ ମଧ୍ୟରେ ବିଦ୍ୟମାନ ପ୍ରତ୍ୟର୍ପଣ ଚୁକ୍ତି ଅନୁଯାୟୀ ଭାରତର ନିଶ୍ଚିତ କର୍ତ୍ତବ୍ୟ ରହିଛି ।

## ଇସ୍ତଫା ଦେଲେ ନୀତିଶ : ୨୦ରେ ଶପଥ ନେବେ ନୂଆ ସିଏମ୍



ନୂଆଦିଲ୍ଲୀ, ୧୭/୧୧ : ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଆଜି ସକାଳ ୧୧ଟା ୩୦ରେ ଶେଷ କ୍ୟାବିନେଟ୍ ବୈଠକ ଡାକିଥିଲେ । ଏହି ବୈଠକରେ ବର୍ତ୍ତମାନର ବିଧାନସଭାକୁ ଭଙ୍ଗ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି । ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏ ବିଜୟ ହେବା ପରେ ପୁଣି ଥରେ ସରକାର କରିବାକୁ ସଜବାଜ ହେଲାଣି ଏନ୍‌ଡିଏ । ଏହାରି ଭିତରେ ନୀତିଶ ନିଜ ଇସ୍ତଫା ପତ୍ର ରାଜ୍ୟପାଳଙ୍କୁ ଦେଇଛନ୍ତି । ଏହାରି ଭିତରେ ବିହାରରେ ସରକାର ଗଠନ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି । ଆସନ୍ତା ୩ ଦିନ ମଧ୍ୟରେ ବିହାରରେ ସରକାର ଗଠନ ହେବ ବୋଲି ଜାତୀୟ ଗଣମାଧ୍ୟମରୁ ସୂଚନା ମିଳିଛି । ସୂଚନାନୁଯାୟୀ, ନଭେମ୍ବର ୨୦ ତାରିଖରେ ଶପଥ ଗ୍ରହଣ ଉତ୍ସବ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ ବୋଲି ଜଣାପଡ଼ିଛି । ଶପଥ ଗ୍ରହଣ ଉତ୍ସବ ପାଇଁ ପାଟନାର ଗାନ୍ଧୀ ମଇଦାନରେ ଜୋରଦାର ପ୍ରସ୍ତୁତି ଚାଲିଛି । ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ୨୦୨ ଆସନ ଜିତି ଏନଡିଏ ଐତିହାସିକ ବହୁମତ ହାସଲ କରିଛି, ଯେଉଁଥିରେ ବିଜେପି ୮୯, ଜେଡିୟୁ ୮୫, ଏଲଜେଏପି (ରାମ ବିଳାସ) ୧୯ ଏବଂ ଅନ୍ୟାନ୍ୟ ସହଯୋଗୀ ଦଳ ୯ ଆସନ ଜିତିଛନ୍ତି ।

## ଭୋଟ୍ ଚୋରି ଅଭିଯୋଗ ପ୍ରସଙ୍ଗ : କଂଗ୍ରେସ ନିର୍ବାଚନ କମିଶନଙ୍କ ପାଖରେ ସତ୍ୟପାଠ ଦାଖଲ କରୁ - ବଳଭଦ୍ର ମାଝୀ

ଭୁବନେଶ୍ୱର, ୧୭ /୧୧ :(ନି.ପ୍ର) ପିସିସି ସଭାପତି ଭକ୍ତ ଦାସଙ୍କ ଭୋଟ ଚୋରି ଅଭିଯୋଗ ଉପରେ ବିଜେପି ସାଂସଦ ବଳଭଦ୍ର ମାଝୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ୨୫୦ ନମ୍ବର ବୁଥରେ କଂଗ୍ରେସ ଲିଡ୍ କରିଛି । ଯେଉଁ ବୁଥରେ ଭୋଟ ଚୋରିର ଅଭିଯୋଗ ଆସୁଥିଲା ସେହି ବୁଥରେ କଂଗେସ ଲିଡ୍ କରିଛି। ଭୋଟ ଚୋରିର କଥା କହୁଛନ୍ତି କିନ୍ତୁ କଣ ପ୍ରଭାବ ପଡୁଛି ତାହା ସେ ତ ବୁଝି ଗଲେଣି। ଭୋଟ ଚୋରି ଅଭିଯୋଗ ଆଣିଥିଲେ ବି ନିର୍ବାଚନ କମିଶନଙ୍କ ପାଖରେ ସତ୍ୟପାଠ କାହିଁକି ଦାଖଲ କରୁ ନାହାନ୍ତି । ଖାଲି ଭୋଟ ଚୋରି ଭୋଟ ଚୋରି କହିଲେ ହେବ ନାହିଁ ।

### ଡିସେମ୍ବର ୧ରୁ ଧର୍ମଘଟ ଚେତାବନୀ ଦେଲା ଘରୋଇ ବସ୍ ମାଲିକ ସଂଘ

ଭୁବନେଶ୍ୱର, ୧୭ /୧୧ : (ନି.ପ୍ର)- ପୋଲିସକୁ ଗାଡି ଚେକିଂ ଓ ଜରିମାନା କ୍ଷମତା ପ୍ରଦାନକୁ ବିରୋଧ କରିଛି ରାଜ୍ୟ ଘରୋଇ ବସ ମାଲିକ ସଂଘ। ପୋଲିସକୁ ଏମ୍ଭି କ୍ଷମତା ନ ଦେବାକୁ ବସ୍ ମାଲିକ ସଂଘ ଦାବି କରିଛି। ଯଦି ସରକାର ଏହି ନିୟମ ଲାଗୁ କରନ୍ତି ତେବେ ଆସନ୍ତା ୧ରୁ ବସ ଧର୍ମଘଟ କରିବାକୁ ଚେତାବନୀ ଦେଇଛି ସଂଘ। ରାଜ୍ୟ ଘରୋଇ ବସ ମାଲିକ ସଂଘ ସାଧାରଣ ସମ୍ପାଦକ ଦେବେନ୍ଦ୍ର ସାହୁ। ପରିବହନ ବିଭାଗ ଚେକିଂ କରୁ କିନ୍ତୁ ପୋଲିସକୁ କ୍ଷମତା ଦିଆନଯାଉ ବୋଲି ସେ କହିଛନ୍ତି।

## ଆଖି ବୁଜିଲେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର



ଭୁବନେଶ୍ୱର, ୧୭/୧୧ :(ନି.ପ୍ର) ଆଖି ବୁଜିଲେ ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର । ଲିଭର ଓ କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ ହ୍ୟୁମାନ। ସେ ଶ୍ୱାସକ୍ରିୟା ଜନିତ ଅସୁବିଧା, ନିମୋନିଆ, ହେପାଟୋପାଥି, ଥ୍ରୋମ୍ବୋସାଇଟୋପେନିଆ ଓ କୋଆଗୁଲୋପାଥିରେ ପୀଡ଼ିତ ଥିଲେ । ତାଙ୍କୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଥିଲା । ଡାକ୍ତରଙ୍କ ସତଚେଷ୍ଟା ପରେ ବି ଭୁବନେଶ୍ୱର ଏମ୍ସରେ ତାଙ୍କ ଚିକିତ୍ସାଧିନ ଅବସ୍ଥାରେ ଦେହାନ୍ତ ହୋଇଛି । କିଛିଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିଲା। ଓଡ଼ିଆ ଚଳଚ୍ଚିତ୍ର ଓ ଆଲବମ୍‌ରେ ବହୁ ରୋମାଣ୍ଟିକ୍ ଗୀତ ଭେଟି ଦେଇଥିବା ହ୍ୟୁମାନ୍ ସାଗର ଘରେ ଘରେ ପରିଚିତ । ହ୍ୟୁମାନ୍ ସାଗରଙ୍କ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଥିଲେ ଲକ୍ଷ ଲକ୍ଷ ଫ୍ୟାନ୍ସ । ଅଧିକ ଚିକିତ୍ସା ଲାଗି ତାଙ୍କୁ ରାଜ୍ୟ ବାହାରକୁ ନେବା ପାଇଁ ଯୋଜନା ରହିଥିଲା । ଏଥିପାଇଁ ରାଜ୍ୟ ସରକାରଙ୍କୁ ସହାୟତା କରିବାକୁ ଆକୁଳ ନିବେଦନ କରିଥିଲେ ତାଙ୍କ ମାଆ ଓ ସ୍ତ୍ରୀ । ପୂର୍ବରୁ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର ଏମ୍ସରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ସଙ୍କଟାପନ୍ନ ରହିଛି। ଆଜି ତାଙ୍କ ପତ୍ନୀ ଶ୍ରେୟାଙ୍କ ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ହ୍ୟୁମାନଙ୍କ ସ୍ୱାସ୍ଥ୍ୟରେ କୌଣସି ସୁଧାର ଆସିନଥିଲା । ସ୍ୱାସ୍ଥ୍ୟାବସ୍ଥା ନେଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ ମୁଖ୍ୟମନ୍ତ୍ରୀ। କିଛିଦିନ ତଳେ ଅସୁସ୍ଥ ଅବସ୍ଥାରେ ହ୍ୟୁମାନ୍ ସାଗରଙ୍କୁ ଭୁବନେଶ୍ୱର ଏମ୍ସ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । ତାଙ୍କର ଲିଭର୍ର ଖରାପ ଥିବାବେଳେ କିଡ୍‌ନି ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ସେ ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏମ୍ସ ସ୍ଥାନାନ୍ତର କରାଯାଇଥିଲା ।

## ମଦିନା ବସ୍ ଦୁର୍ଘଟଣା ଉପରେ ଜମାତ-ଏ-ଇସଲାମି ହିନ୍ଦ୍ କରିଛି ଶୋକ ପ୍ରକାଶ

ନୂଆଦିଲ୍ଲୀ, ୧୭ ନଭେମ୍ବର (ହି.ସ.)- ମଦିନା ନିକଟରେ ଏକ ବସ୍ ଦୁର୍ଘଟଣାରେ ୪୨ ଜଣ ଭାରତୀୟ ଉମରା ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଉପରେ ଜମାତ-ଏ-ଇସଲାମି ହିନ୍ଦ୍ ସଭାପତି ସୟଦ ସାଦତୁଲ୍ଲା ହୁସେନି ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଏହି ଘଟଣା ଅତ୍ୟନ୍ତ ଦୁଃଖଦ। ଏହି ଉମରା ତୀର୍ଥଯାତ୍ରୀଙ୍କ ମଧ୍ୟରୁ ଅଧିକାଂଶ ହାଇଦ୍ରାବାଦର ଥିଲେ। ଏହି କଷ୍ଟକର ସମୟରେ ଶୋକସନ୍ତପ୍ତ ପରିବାର ସହିତ ମୋର ହୃଦୟସ୍ପର୍ଶୀ ସମବେଦନା। ଏହି ତୀର୍ଥଯାତ୍ରୀମାନେ ଏକ ପବିତ୍ର ଯାତ୍ରାରେ ଥିଲେ ଏବଂ ଏକ ମହାନ ପୂଜା ସମାପ୍ତ କରୁଥିଲେ। ଗଣମାଧ୍ୟମକୁ ଜାରି ଏକ ବିବୃତିରେ ସେ କହିଛନ୍ତି ଯେ ପୈଗମ୍ବର ହଜରତ ମହମ୍ମଦ କହିଛନ୍ତି ଯେ ହଜ୍ ଏବଂ ଉମରା କରୁଥିବା ଲୋକମାନେ ଆଲ୍ଲାହଙ୍କ ଅତିଥି। ଆମେ ଆଶା କରୁଛୁ ଯେ ଆଲ୍ଲାହ ଉମରା କରିବା ସମୟରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ସହିଦ୍ ପ୍ରଦାନ କରିବେ, ଏବଂ ଆମେ ପ୍ରାର୍ଥନା କରୁଛୁ ଯେ ଆଲ୍ଲାହ ସେମାନଙ୍କୁ ସ୍ୱର୍ଗରେ ସର୍ବୋଚ୍ଚ ସ୍ଥାନ ପ୍ରଦାନ କରିବେ। ସେ ଭାରତ ସରକାରଙ୍କୁ ମୃତକଙ୍କ ଶୀଘ୍ର ସ୍ୱଦେଶ ଫେରାଇ ଆଣିବାର ବ୍ୟବସ୍ଥା କରିବା, ଆହତମାନଙ୍କୁ ବ୍ୟାପକ ଚିକିତ୍ସା ସେବା ଯୋଗାଇବା ଏବଂ ପ୍ରଭାବିତ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ଅନୁରୋଧ କରିଥିଲେ। ପରିବାରକୁ ଧୈର୍ଯ୍ୟ ଏବଂ ମୃତକଙ୍କୁ ସ୍ୱର୍ଗଦାନ କରିବା ପାଇଁ ସେ ଆଲ୍ଲାହଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

### ୨୯ ଜଣ ମତ୍ସ୍ୟଜୀବୀଙ୍କ ସହିତ ବାଂଲାଦେଶୀ ଟ୍ରଲର ଜବତ

କୋଲକାତା, ୧୭ /୧୧ : ଭାରତୀୟ ତଟରକ୍ଷୀ ବାହିନୀ ବଙ୍ଗୋପସାଗରରେ ପାଟ୍ରୋଲିଂ କରୁଥିବା ସମୟରେ ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରି ୨୯ ଜଣ ମତ୍ସ୍ୟଜୀବୀଙ୍କ ସହିତ ଏକ ବାଂଲାଦେଶୀ ଟ୍ରଲରକୁ ଜବତ କରିଛି। ପରେ ସେମାନଙ୍କୁ ଦକ୍ଷିଣ ୨୪ ପରଗନା ଜିଲ୍ଲାର ଫ୍ରେଜରଗଞ୍ଜ ତଟରକ୍ଷୀ ପୋଲିସ ଷ୍ଟେସନକୁ ହସ୍ତାନ୍ତର କରାଯାଇଥିଲା ।ଏହା ପରେ ସେମାନଙ୍କୁ ଭାରତୀୟ ଜଳସୀମାରେ ଅନୁପ୍ରବେଶ ଅଭିଯୋଗରେ ଗିରଫ କରାଯାଇଥିଲା। ତଟରକ୍ଷୀ ବାହିନୀ ଆଜି ସକାଳେ ଜାରି ହୋଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି। ତଟରକ୍ଷୀ ବାହିନୀ ଅନୁଯାୟୀ, ରବିବାର ଦିନତଟରକ୍ଷୀ ବାହିନୀ ପାଟ୍ରୋଲିଂ ସମୟରେ ଏକ ସନ୍ଦିଗ୍ଧ ଟ୍ରଲରକୁ ଦେଖିଥିଲା। ତଦନ୍ତରୁ ଜଣାପଡିଛି ଯେ ଟ୍ରଲରଟି ଆନ୍ତର୍ଜାତୀୟ ସାମୁଦ୍ରିକ ସୀମା ପାର କରି ବାଂଲାଦେଶରୁ ଭାରତୀୟ ଜଳସୀମାରେ ପ୍ରବେଶ କରିଥିଲା।

### ଶୀତ ଲହରି ନେଇ ଆଗାମୀ ୨୪ ଘଂଟା ପାଇଁ ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୧୭ /୧୧ : (ନି.ପ୍ର) ଶୀତ ଲହରି ନେଇ ଆଗାମୀ ୨୪ ଘଂଟା ପାଇଁ ରାଜ୍ୟର ୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ସେହି ଜିଲ୍ଲା ଗୁଡିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କନ୍ଧମାଳ, ଖୋର୍ଦ୍ଧା । ପରବର୍ତୀ ସମୟରେ ୧୮ ତାରିଖ ସକାଳ ଠାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ ରାଜ୍ୟର ଜିଲ୍ଲା ଗୁଡିକ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୋମବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

### ଭଦ୍ରକ ଭୂମି ଓଡ଼ିଶା ରାଜନୀତି ପାଇଁ ଏନ୍ତୁଡ଼ିଶାଳ ସାଜିଛି

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ସପ୍ତମ ସନ୍ଧ୍ୟା




ଭଦ୍ରକ,୧୭/୧୧(ନି.ପ୍ର) : ଭଦ୍ରକ ଭୂମି ଓଡ଼ିଶା ରାଜନୀତି ପାଇଁ ଏନ୍ତୁଡ଼ିଶାଳ ସାଜିଛି। ଭଦ୍ରକ ମାଟିର ଯଶସ୍ୱୀ ସନ୍ତାନ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବ ଓଡ଼ିଶାର ନେତୃତ୍ୱ ନେବା ସହ ନୂତନ ବୃହତର ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ଉତ୍କଳ ଅବନ୍ତିକା ଆବାସିକ ମହାବିଦ୍ୟାଳୟ, ଚରମ୍ପା ପ୍ରାୟୋଜିତ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ସପ୍ତମ ସଂନ୍ଧ୍ୟାରେ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ସପ୍ତମ ସଂନ୍ଧ୍ୟାକୁ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯାଇଥିଲା ଏବଂ 'ଓଡିଶା ରାଜନୀତି ଜଗତକୁ ଭଦ୍ରକର ଅବଦାନ' ଶୀର୍ଷକରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲ। ମହୋତ୍ସବର ସମ୍ପାଦକ ରବି ନାରାୟଣ ଖିଲାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଭଦ୍ରକର ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ଜନତା ପାର୍ଟିର ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା ବିଶିଷ୍ଟ ଅତିଥି, ଭାରତୀୟ ଚିକିତ୍ସକ ସଂଘ ଓଡିଶା ଶାଖାର ସଭାପତି ଡା. ହରେକୃଷ୍ଣ ନାୟକ, ବରେଣ୍ୟ ଅତିଥି, ଐତିହାସିକ ତଥା ଅବସରପ୍ରାପ୍ତ ଅଧକ୍ଷ ଡ. ଭାଗବତ ତ୍ରିପାଠୀ ମୁଖ୍ୟ ବକ୍ତା, ୬୬୨ କଲେଜ ଶିକ୍ଷକ ଓ କର୍ମଚାରୀ ସଂଘ ସଭାପତି ତଥା ଅଧକ୍ଷ ଗୋଲକ ନାୟକ, ମନମୋହନ ସଂଗୀତ ପରିଷଦ, ଭଦ୍ରକ ସମ୍ପାଦକ ରାମନାରାୟଣ ମହାନ୍ତି,ବରେଣ୍ୟ ଅତିଥି, କବି ସାମ୍ବାଦିକ ପ୍ରମୋଦ ରାୟ , ଅଧାପକ ଦତାତ୍ରେୟ ଦାଶ ପ୍ରମୁଖ ବରେଣ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାର ଅତିଥିମାନଙ୍କୁ ଅତିଥିମାନଙ୍କୁ ମଂଚ ନିମନ୍ତ୍ରଣ କରିଥିବା ବେଳେ ସଂଗଠନ ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ, ଆବାହକ ନୀହାର ରଞ୍ଜନ କର ସ୍ୱାଗତ ଭାଷଣ ପ୍ରଦାନ ଏବଂ ମହୋତ୍ସବ ସହ ସମ୍ପାଦିକା ଡ.ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ରାୟ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅଧିବେଶନ ପୂର୍ବରୁ କବି ସମ୍ମିଳନୀ ଓ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଦାନନ୍ଦ ସାହୁଙ୍କ ସ୍ମୃତିରେ ଉତ୍ସର୍ଗୀତ ଏହି କବିତା ମଂଚରେ କବି ନାରାୟଣ ଚନ୍ଦ୍ର ପାଢ଼ୀ ଅଧକ୍ଷତା କରିଥିଲେ।ଅନୁଷ୍ଠିତ ଏହି ଆସରରେ ଡ. ଅବନୀ କୁମାର ପ୍ରଧାନ ମୁଖ୍ୟ ଅତିଥି 'ଏଯାବତ' ର ସମ୍ପାଦକ ମାନସ ପଣ୍ଡା ମୁଖ୍ୟ ବକ୍ତା, 'ଭାବ ବିନୋଦିଆ' ସମ୍ପାଦକ ରତିକାନ୍ତ ଦାସ, ମାତୃକବୀ ମନୋରମା ନାୟକ, କବି ମୁକ୍ତିକାନ୍ତ ମଲ୍ଲିକ, ଶଶିକାନ୍ତ ବେହେରା, ବୈକୁଣ୍ଠନାଥ ଓଝା, ଦୟାନିଧି ବେହେରା, ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ, ଶଶାଙ୍କ ଶେଖର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ରାଜ୍ୟସ୍ତରୀୟ ଶିଶୁ ଉତ୍ସବରେ ପୁରୀ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ପୁରସ୍କୃତ

ପୁରୀ,୧୭/୧୧(ନି.ପ୍ର) : ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡ଼ିୟମ ଠାରେ ପାଂଚ ଦିନ ବ୍ୟାପି ଶିଶୁ କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ 'ଉତ୍ସାହ' ଓ 'ମହକ' ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏହି ରାଜ୍ୟ ସ୍ତରୀୟ ଉତ୍ସବରେ ଯୋଗଦେଇଥିଲେ । ପୁରୀ ଜିଲ୍ଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନର ୫୦ ଜଣ ଅନ୍ତେବାସୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ବକ୍ତୃତାର କନିଷ୍ଠ ବର୍ଗରେ ନୀଳାଚଳ ସେବା ପ୍ରତିଷ୍ଠାନର ଇପ୍ସିତା ସ୍ୱାଇଁ ଓ ବରିଷ୍ଠ ବର୍ଗରେ ଦ୍ରୌପଦୀ ମହିଳା ସମିତିର ଜ୍ୟୋତ୍ସ୍ନା ଦାସ ଯଥାକ୍ରମେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ କୁଇଜ୍ ବରିଷ୍ଠ ବର୍ଗ ରେ ଉତ୍କଳ ବାଳାଶ୍ରମର ସତ୍ୟନାରାୟଣ ସ୍ୱାଇଁ ତୃତୀୟ, ଲମ୍ଫ ଡିଆଁ ଓ ୨୦୦ ମିଟର ଦୌଡର ବରିଷ୍ଠ ବର୍ଗରେ ସୂର୍ଯ୍ୟକାନ୍ତ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହାସହିତ ସରକାରୀ ଆଇ ଟି ଆଇ ରୁ ବୈଷୟିକ ଶିକ୍ଷା ସମାପ୍ତ କରି ବିଶ୍ୱ ଦକ୍ଷତା କେନ୍ଦ୍ରରୁ ଉତୀର୍ଣ୍ଣ ହୋଇ ନିକଟରେ ଜିନ୍ଦଲ ଷ୍ଟିଲ ଅନୁଗୁଳରେ ଟ୍ରେନି ଭାବରେ ନିୟୋଜିତ ହୋଇଥିବା ଉତ୍କଳ ବାଳାଶ୍ରମର ଦୁଇ ଯତ୍ନ ଅନ୍ତେବାସୀ ପୂଜା ଦାଶ ଓ ଅଞ୍ଜନା ନାୟକଙ୍କୁ ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ମଧ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାର ଶିଶୁମାନଙ୍କର ଏହି କୃତିତ୍ୱ ହାସଲ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ଡଃ. ଅଜିତ କୁମାର ମହପାତ୍ର, ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

# କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଭକ୍ତିସାହିତ୍ୟ ଆଲୋଚନା ଚକ୍ର ଅନୁଷ୍ଠିତ

ବାରଣାସୀ/ଭୁବନେଶ୍ୱର,୧୭/୧୧(ନି.ପ୍ର) : ଓଡ଼ିଶା ସାହିତ୍ୟ ଏକାଡେମୀ, କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ଓଡ଼ିଆ ଚେୟାର, କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ବାରାଣସେୟ ଉତ୍କଳ ସମାଜର ମିଳିତ ଆନୁକୂଲ୍ୟରେ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ ଠାରେ ଆଜି ଭକ୍ତିସାହିତ୍ୟ ଉପରେ ଏକ ଦିବସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଧର୍ମ ଓ ସାହିତ୍ୟ କ୍ଷେତ୍ରରେ ଭକ୍ତି ସାହିତ୍ୟ ଯେଉଁ ଗଣଚେତନା ସୃଷ୍ଟି କରିଥିଲା ତାହାର ପ୍ରଭାବ ଅତ୍ୟନ୍ତ ସୁଦୁରପ୍ରସାରୀ ରହିଥିଲା । ଜ୍ଞାନ, ପ୍ରେମ, ଭକ୍ତି, କରୁଣା ଓ ବୈରାଗ୍ୟ ରହିଥିଲା ଏହାର ଆଧାର। ବିନମ୍ରତା, ଅହଂଶୂନ୍ୟ ଜୀବନ ଓ ଆତ୍ମିକ ବିଭୁପ୍ରେମ ହିଁ ଭକ୍ତିସାହିତ୍ୟର ପ୍ରମୁଖ ବାର୍ତ୍ତା। ରହିଥିଲା ବୋଲି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ମତପ୍ରକାଶ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ଼. ଚନ୍ଦ୍ରଶେଖର ହୋତା କହିଥିଲେ ଯେ, ସନ୍ଥ ସାହିତ୍ୟ ଓ ହିନ୍ଦୁ ସଂସ୍କାରରେ ଈଶ୍ୱରଙ୍କୁ ଲାଭ କରିବାର ଯେଉଁ ଚତୁର୍ବିଧ ମାର୍ଗର ନିର୍ଦ୍ଦେଶ ରହିଛି ତନ୍ମଧ୍ୟରୁ ଭକ୍ତିମାର୍ଗ ଅନ୍ୟତମ।

# ରାଉରକେଲାରେ ଘନ କୁହୁଡ଼ି ଅନୁଭୂତ : ଭବାନୀପାଟଣାରେ ହାଲୁକା କୁହୁଡ଼ି ଅନୁଭୂତ

ଭୁବନେଶ୍ୱର,୧୭/୧୧(ନି.ପ୍ର: ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାରେ ଆଜି ସକାଳେ ଘନ କୁହୁଡ଼ି ଅନୁଭୂତ ହୋଇଛି। ଯାହାର ଦୃଶ୍ୟମାନ ଦୂରତା ୫୦ ରୁ ୨୦୦ ମିଟର ମଧ୍ୟରେ ରହିଥିଲା । ସେହିପରି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଆଜି ସକାଳେ ହାଲୁକା କୁହୁଡ଼ି ଅନୁଭୂତ ହୋଇଛି । ଯାହାର ଦୃଶ୍ୟମାନ ଦୂରତା ୫୦୦ ମିଟରରୁ ୧୦୦୦ ମିଟର ମଧ୍ୟରେ ରହିଥିଲା । ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ଏବଂ କଟକରେ ଶୀତ ଲହରି ଅନୁଭୂତ ହୋଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

# ସଠିକ୍, ନିରପେକ୍ଷ ଓ ସତ୍ୟ ସମ୍ବାଦ ଗଣତନ୍ତ୍ରକୁ ସୁଦୃଢ଼ କରେ

ପୁରୀ,୧୭/୧୧(ନି.ପ୍ର) : ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ। ଏହା ସତ୍ୟ, ଅନୁସନ୍ଧାନଧର୍ମୀ, ନିରପେକ୍ଷ ଓ ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ବ୍ରତୀ ହେବା ଉଚିତ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିପରିସର ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ବିଶ୍ୱାସନୀୟତାର ସଂରକ୍ଷଣ' ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଭୋଇ ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତନ ଘଟିଛି। ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମ ପୂର୍ବ ପରି ତାହାର ପ୍ରଚେଷ୍ଟା ଜାରି ରଖିଛି। ଗଣତନ୍ତ୍ରକୁ ସୁଦୃଢ କରିବାରେ ୪ଟି ଯାକ ସ୍ତମ୍ଭର ସମନ୍ୱୟ ଓ କାର୍ଯ୍ୟକାରିତା ଗୁରୁତ୍ୱପୂର୍ଣ୍ଣ। ତେବେ ଭ୍ରମାତ୍ମକ ସମ୍ବାଦ ଶିଘ୍ର ବ୍ୟାପେ ଓ ସମାଜରେ ଏହାର ନକରାତ୍ମକ ପ୍ରଭାବ ଅଧିକ। ଏହାକୁ ପ୍ରତିହତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଧାରଣ ଲୋକ ମାନଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ। ତେବେ ଫେକ ନିଉଜ ବା ଭ୍ରମାତ୍ମକ ସମ୍ବାଦ ସମାଜରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିଥାଏ। ଏଥିରୁ ନିବୃତ ରହିବା ସହ ସଠିକ ସମ୍ବାଦ ପରିବେଷଣ ପାଇଁ ସେ ଅନୁରୋଧ କରିଥିଲେ। ମୁଖ୍ୟ ବକ୍ତା ଭାବେ ସୂଚନା ଓ ଜନ ସମ୍ପର୍କ ଉତର ପୂର୍ବାଂଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣମାଧ୍ୟମର ଉତ୍ପତି, ପ୍ରାଚୀନ କାଳରେ ଗଣମାଧ୍ୟମର ଭୂମିକା, ସ୍ୱାଧୀନତା ପୂର୍ବବର୍ତୀ ଓ ପରବର୍ତୀ ସମୟରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭ୍ରମାତ୍ମକ ସମ୍ବାଦ କିମ୍ବା ସଠିକ ସମ୍ବାଦ ସାଧାରଣ ଲୋକଙ୍କୁ ପ୍ରଭାବିତ କରିଥାଏ। ସଠିକ ସମ୍ବାଦ ଭଲ ସୃଷ୍ଟି କଲାବେଳେ ଭ୍ରମାତ୍ମକ ସମ୍ବାଦ ବିଶୃଙ୍ଖଳା ସୃଷ୍ଟି କରିଥାଏ ବୋଲି ସେ କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଅଧକ୍ଷତା କରିବା ସହ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ ବୋଲି କହିଥିଲେ। ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୯୬୬ ରେ ପ୍ରେସ କାଉନସିଲ ଗଠନ ଓ ପରେ ଗଣମାଧ୍ୟମ ଦିବସ ପାଳନର ପୃଷ୍ଠଭୂମି ସମ୍ପର୍କରେ ଆଲୋଚନା କରିବା ସହ ବିବିଧ ସମସ୍ୟାକୁ ସରକାର ଓ ପ୍ରଶାସନ ନିକଟରେ ପହଂଚାଇ ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ। ଯାହା ଦ୍ୱାରା ସାଧାରଣ ଲୋକଙ୍କ ଭରସା ଓ ବିଶ୍ୱାସ ଗଣମାଧ୍ୟମ ପ୍ରତି ବୃଦ୍ଧି ପାଇବ ବୋଲି ସେ କହିଥିଲେ। ବରିଷ୍ଠ ପତ୍ରକାର ଜୁପିଟର ଦାସ ଓ ବିଶ୍ୱଜିତ ପଟ୍ଟନାୟକ ଗଣମାଧ୍ୟମର କାର୍ଯ୍ୟକାରିତା, ସମସ୍ୟା, ବିଭିନ୍ନ ବିପଦ ପୂର୍ଣ୍ଣ ସମୟରେ ସେମାନଙ୍କ କାର୍ଯ୍ୟ ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିବା ସହ ସଭା ପରିଚାଳନା କରି ଗଣମାଧ୍ୟମ ସାଧାରଣ ଜନତାର ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ ରେ ସହଯୋଗ ରଖିବା ଓ ଭ୍ରମାତ୍ମକ ସମ୍ବାଦ ପରିବର୍ତେ ସଠିକ୍ ତଥ୍ୟ ଭିତିକ ସତ୍ୟ ସମ୍ବାଦ ପରିବେଷଣ ପାଇଁ ଅନୁରୋଧ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ମାତରମ ସଂଗୀତ ପରିବେଷଣ କରାଯାଇଥିଲା। ଦିବଙ୍ଗତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ସହକାରୀ ଜିଲ୍ଲା ସୂଚନା ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି, ପ୍ରୋଜେକ୍ଟନିଷ୍ଟ ପ୍ରସନ୍ନ କୁମାର ସାହୁ, କର୍ମଚାରୀ ମିନତୀ ଦାସ, ରବୀନ୍ଦ୍ର କୁମାର ଦାସ,ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ତ୍ରିନାଥ ପାତ୍ର, ପ୍ରତିମା ମହାନ୍ତି, ଲକ୍ଷ୍ମୀଧର ନାୟକ ପ୍ରମୁଖ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଅରୁଣାଚଳ ପ୍ରଦେଶର ଉତ୍ତର ସୀମା ଗସ୍ତ କଲେ ପୂର୍ବ କମାଣ୍ଡର ସେନା ନାୟକ

କୋଲକାତା,୧୭/୧୧(ନି.ପ୍ର) : ପୂର୍ବୀ କମାଣ୍ଡର ଜେନେରାଲ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲେଫ୍ଟେନା ଜେନେରାଲ୍ ରାମଚନ୍ଦ୍ର ତିୱାରୀ ଅରୁଣାଚଳ ପ୍ରଦେଶର ଉତ୍ତର ସୀମା ଗସ୍ତ କରିଛନ୍ତି । ସେ ସ୍ପିଅର୍ କୋର୍‌ର ଅଗ୍ରିମ ଅଂଚଳଗୁଡିକୁ ଯାଇ ସାମରିକ ପ୍ରସ୍ତୁତି, ଆନ୍ତର୍ଜ୍ଜ ସୁରକ୍ଷା ପରିସ୍ଥିତି ଏବଂ ଚାଲୁଥିବା ପ୍ରଶିକ୍ଷଣ ଗତିବିଧିର ବ୍ୟାପକ ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମ୍ବେଦନଶୀଳ ପୂର୍ବ ମୋର୍ଚ୍ଚାରେ ମୁତୟନ ଯବାନଙ୍କ ଉଚ୍ଚସ୍ତରୀୟ ପ୍ରସ୍ତୁତି ଓ ବୃତ୍ତିଗତ କ୍ଷମତାକୁ ପୁନର୍ବାର ସ୍ଥାପିତ କରିଛି । ସେନାର ପୂର୍ବ କମାଣ୍ଡର ମୁଖ୍ୟାଳୟ ବିଜୟଦୁର୍ଗ ରବିବାର ସକାଳେ ଜାରି ବିବୃତିରେ କହିଛି ଯେ, ଯାତ୍ରା ସମୟରେ କମାଣ୍ଡରଙ୍କୁ ସବୁଠୁ ନୂତନ ରଣନୀତିଗତ ପ୍ରଗତି ଏବଂ ଭାରତୀୟ ସେନା, ଭାରତୀୟ ବାୟୁ ସେନା ଏବଂ ଇଣ୍ଡୋ-ତିବ୍ବତ ବର୍ଡର ପୋଲିସ୍ ମଧ୍ୟରେ ଚାଲୁଥିବା ସମନ୍ୱୟ ବିଷୟରେ ବିସ୍ତୃତ ତଥ୍ୟ ଦିଆଯାଇଥିଲା। ସେ ଆଧୁନିକ ଅସ୍ତ୍ର ପ୍ରଣାଳୀ, ନିରୀକ୍ଷଣ ସାଧନ ଏବଂ ପ୍ରଯୁକ୍ତି-ଆଧାରିତ ପରିଚାଳନା ଉପକରଣମାନଙ୍କର ପ୍ରଭାବଶୀଳ ବ୍ୟବହାରକୁ ପ୍ରଦର୍ଶନ କରୁଥିବା ଯୁକ୍ତ ପ୍ରଶିକ୍ଷଣ ମଡ୍ୟୁଲଗୁଡିକୁ ମଧ ସ୍ୱୟଂ ଅବଲୋକନ କରିଥିଲେ।

# ଖଟଲାପଦର ବ୍ରିଜରେ ଟଙ୍କା ଲୁଟ ମାମଲା, ୭ ଅଭିଯୁକ୍ତ ଗିରଫ

ଜୟପୁର,୧୭/୧୧(ନି.ପ୍ର) : କୋରାପୁଟ ଜିଲା କୁନ୍ଦୁରା ଥାନା ଖଟଲାପଦର ବ୍ରିଜ ନିକଟରେ ଲୁଟ ମାମଲାରେ ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ। ଏନେଇ ଆଜି ଜୟପୁର ଟାଉନ ଥାନାରେ ଏସଡିପିଓ ପାର୍ଥ କଶ୍ୟପ ସୁଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ କୁନ୍ଦାରିଗୁଡାର ଅରୁଣ ମୁଦୁଲି (୨୬), ଗଡପଦର ଗ୍ରାମ ହରିଜନ ସାହିର ସାନ ହରିଜନ (୨୪), ନନ୍ଦପୁରର ଗଞ୍ଜେଇ ପଦର ଗ୍ରାମର ଅନିଲ ଖୋସଲା (୧୯), ବୁଟୁ ଗୁଡା ଗ୍ରାମର ଭୁବନ ହରିଜନ (୨୨) । ଗତ ୯.୧୧.୨୫ ତାରିଖରେ ବାଲିଆର ଆଜୟ ହରିଜନ (୩୧) ନିଳାଗୁଡାର ରମାକାନ୍ତ ହରିଜନ (୨୨) ଖ୍ରିଷ୍ଟିଆନ ସାହିର ସୁମିତ ସାହିଲ ନାୟକ (୨୩) । ଗିରଫ ଅଭିଯୁକ୍ତ ମାନଙ୍କ ଠାରୁ ୮୦ ହଜାର ଟଙ୍କା ୪ଟି ମୋବାଇଲ ୨ଟି ଖଣ୍ଡା, ୫ଟି ବାଇକ ଜବତ କରିଛି। ସୂଚନା ଅନୁଯାୟୀ, ଗତ ୨୯.୧୦.୨୫ ତାରିଖରେ କୋଟପାଡର ଦେବାଶିଷ ପଟ୍ଟନାୟକ କୁନ୍ଦୁରା ଥାନାରେ ପହଂଚି ଲିଖିତ ଅଭିଯୋଗ କରିଥିଲେ । କୁନ୍ଦୁରା ଥାନା ଅନ୍ତର୍ଗତ ଖଟଲାପଦର ବ୍ରିଜ ଉପରେ ଟଙ୍କା ଲୁଟ ହୋଇଥିଲା । ବ୍ୟବସାୟି ଦେବାଶିଷ ପଟ୍ଟନାୟକ ଓ ତାଙ୍କ ସାଥିଙ୍କ ଠାରୁ ୬ ଲକ୍ଷ ଟଙ୍କା ଲୁଟ ହୋଇଥିଲା। ୮ ଜଣ ମୁଖାଧାରି ଦୁର୍ବୃତ ବାଇକରେ ଆସି ରାସ୍ତା ମଝିରେ କାର କୁ ଅଟକାଇ ବିଭିନ୍ନ ପ୍ରକାର ମାରାଣାସ୍ତ୍ର ଦେଖାଇ କାର ରେ ଥିବା ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତି କରି ପୋଲିସ ୧୩୪/୨୫ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଡକାୟତିର ଲାଇଭ ଭିଡିଓ ଜଣେ ପ୍ରତ୍ୟକ୍ଷ ଦର୍ଶୀ ଉତୋଳନ କରିଥିଲେ। ଯାହାକି ପରବର୍ତି ସମୟରେ ଭାଇରାଲ ହୋଇଥିଲା । ସେହି ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରି ଜଣ ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଆଜି ସାମ୍ବାଦିକ ସମ୍ମିଳନିରେ ଏସଡିପିଓ ପାର୍ଥ କଶ୍ୟପ, ଟାଉନ ଥାନା ଅଧିକାରି ଉଲ୍ଲାସ ଚନ୍ଦ୍ର ରାଉତ, ସଦର ଥାନା ଅଧିକାରି ସଚିନ୍ଦ୍ର ପ୍ରଧାନ, କୁନ୍ଦୁରା ଥାନା ଅଧିକାର ଅଶ୍ୱିନ ପଟ୍ଟନାୟକ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ ଉଦ୍‌ଯାପିତ

କୋରେଇ,୧୭/୧୧(ନି.ପ୍ର) : କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ଠାରେ ସାରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଲିଙ୍ଗେଶ୍ୱର ବିହାର ଠାରେ ଶିକ୍ଷାବିଭାଗ ସମିତି ଉତର ପୂର୍ବ ସମ୍ଭାଗର ଯାଜପୁର ଜିଲ୍ଲା ସ୍ତରୀୟ ବନ୍ଦନା ଓ ପ୍ରାର୍ଥନା ପ୍ରଶିକ୍ଷଣ ଆଜି ଉଦ୍‌ଯାପିତ ହୋଇଛି। ଏହାର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସମ୍ପାଦକ ଡକ୍ଟର ଦୈତାରୀ ଧଳ, ମୁଖ୍ୟବକ୍ତା ଭାବେ ଜିଲ୍ଲା ପ୍ରମୁଖ ଅଶୋକ କୁମାର ସାହୁ, ସମ୍ମାନୀତ ଅତିଥିଭାବେ ସଙ୍କୁଳ ପ୍ରମୁଖ ଅଶୋକ କୁମାର ଶତପଥି, ଶିଶୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲ୍ଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜ କିଶୋର ମଲ୍ଲିକ, କୋଷାଧକ୍ଷ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷଣ ଶିବିରର ଦ୍ୱିତୀୟ ଦିନରେ ଯାଜପୁର ଲୋକସଭା ସାଂସଦ ରବିନ୍ଦ୍ର ନାରାୟଣ ବେହେରା ମଧ୍ୟ ଯୋଗଦାନ କରିଥିଲେ। ସମସ୍ତ ଅତିଥି ଶିଶୁମାନଙ୍କୁ ଜୀବନରେ ପ୍ରାର୍ଥନା ଓ ବନ୍ଦନାର ମହତ୍ୱ ଓ ଭବିଷ୍ୟତ ଜୀବନରେ ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଏହି ଶିବିରରେ ଯାଜପୁର ଜିଲ୍ଲାର ୪୦ଟି ବିଦ୍ୟାଳୟର ପ୍ରାୟ ୧୨୦ ଜଣ ପ୍ରଶିକ୍ଷଣ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର ତ୍ରୀପାଠୀ ଅତିଥି ପରିଚୟ କରିଥିଲେ। ଶେଷରେ ବୃନ୍ଦାବନ ସାହୁ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା, ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଦସ୍ୟ ବୃନ୍ଦ ସହଯୋଗ କରିଥିଲେ। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ପ୍ରାନ୍ତ ସଂଗୀତ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା ସଂଚାଳନ କରିଥିଲେ।

# ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ପକ୍ଷରୁ ଗଜପତି ଜିଲ୍ଲାର ରାମଗିରିରେ ବସ୍ତ୍ର ବଂଟନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୧୭/୧୧(ନି.ପ୍ର) : କାହାର ଲଜ୍ୟା ନିବାରଣ ପାଇଁ ବସ୍ତ୍ର ପ୍ରଦାନର ପ୍ରୟାସ ଜାରି ରଖିଛନ୍ତି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ। ପ୍ରତି ବର୍ଷ ପରି ଏ ବର୍ଷ ଟ୍ରଷ୍ଟ ପକ୍ଷରୁ ଗଜପତି ଜିଲ୍ଲାର ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ପଂଚାୟତର ଗୌଡ଼ ସାହିରେ ଆରମ୍ଭ ହୋଇଛି। ଗ୍ରାମର ଥିବା ଆବାଳ ବୃଦ୍ଧ ସମସ୍ତେ ନିଜ ଆବଶ୍ୟକ ଅନୁଯାୟୀ ପୋଷାକ ସଂଗ୍ରହ କରିଥିଲେ। କୁନି ପିଲାମାନେ ନିଜର ପୋଷାକକୁ ବାଛି ବାଛି ନେଇଥିଲେ। ବୟସ୍କମାନେ ବସ୍ତ୍ର ନେବାପରେ କର୍ମକର୍ତାଙ୍କୁ କଲ୍ୟାଣ କରିଥିଲେ। ବୁଢ଼ୀ ମାମାନେ ଶୀତ ବସ୍ତ୍ରକୁ ଥିରି ହାତରେ ସାଇତି ନେଇଥିଲେ। ଆଜିର କାର୍ଯ୍ୟକ୍ରମକୁ ସେହି ଗ୍ରାମର ବୟସ୍କ ବ୍ୟକ୍ତି ରଙ୍କନିଧି ଗୌଡ଼ ଙ୍କ ଦ୍ୱାରା ଶୁଭାରମ୍ଭ କରାଯଇଥିଲା। ଆଜିର କାର୍ଯ୍ୟକ୍ରମ ସମସ୍ତ କର୍ମକର୍ତାଙ୍କୁ ଆନନ୍ଦ ପ୍ରଦାନ କରିଥିଲା। ଆଜିର କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସଭାପତି ଦମନ ମହାନ୍ତିଙ୍କ ସହ ସୁବାଶିଷ ଷଡଙ୍ଗୀ, ଅଭୟ ବେହେରା, ଦେବେନ୍ଦ୍ର ନାୟକ, ସଞ୍ଜୟ ଗାହାଣ, ବୃନ୍ଦାବନ ଗୌଡ଼ ଓ ଗୌରାଙ୍ଗ ନାୟକ ସାମିଲ ଥିଲେ।

# ମାଇଁ ଭାରତ ପୋର୍ଟାଲ ଦ୍ୱାରା ଜନ ଜାତୀୟ ଗୌରବ ଦିବସ ପାଳନ




ବଡ଼ସାହି,୧୭/୧୧(ନି.ପ୍ର) : ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ବେତନଟୀ ବ୍ଲକ ଅନ୍ତର୍ଗତ ଗଡଦେଉଳିଆରେ ବୀରବିର୍ସା କ୍ଲବ ଓ ମେରା ଯୁବ ଭାରତ (ମାଇଁ ଭାରତ) ସରକାରଙ୍କର ଯୁବ ବ୍ୟାପର ଓ କ୍ରୀଡା ମିଳିତ ଆନୁକୂଲ୍ୟରେ ଜନ ଜାତୀୟ ଗୌରବ ଦିବସ ପାଳିତ ହୋଇଯାଇଛି । କ୍ଲବର ସମ୍ପାଦକ ଶଙ୍କର ଚୋପେୟାର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଗଦାଧର ଜେନା ଅବସର ପ୍ରଧାନ ଶିକ୍ଷକ ଅଧକ୍ଷତା କରିଥିଲେ । ମୁଖ୍ୟ ଅତିଥି ବିଶିଷ୍ଟ ସମାଜ ସେବୀ ବୁଦ୍ଧିୟକ୍ଷ ସିଂ, ମୁଖ୍ୟ ବକ୍ତା ସନ୍ତୋଷ କୁମାର ଖଣ୍ଡା, ସମ୍ପାଦକ ଫୋର୍ଡ଼ ଓ ସଂମାନନୀୟ ଅତିଥି ଦୁଃଖିଶ୍ୟାମ ମାଝୀ ଯୋଗ ଦେଇଥିଲେ । ଜନ ଜାତୀୟ ଗୌରବ ଦିବସରେ ବିର୍ସା ମୁଣ୍ଡାଙ୍କ ଆତ୍ମ ଜୀବନି ସମ୍ପର୍କରେ ଆଲୋକ ପାଠ କରାଯାଇ ଓ୍ ତାଙ୍କୁ ଆଦର୍ଶ କରି ଜୀବନରେ ଚଲାପଥ ଆଡେ ଅଗ୍ରସର ହେବା ପାଇଁ ଅନୁରୋଧ କରାଯାଇଥିଲା । ବିର୍ସା ମୁଣ୍ଡାଙ୍କ ଜୀବନି ସମ୍ପର୍କରେ କୁଇଜ ଓ୍ ପତ୍ର ଲିଖନ ପ୍ରତିଯୋଗିତା ମଧ ହୋଇଥିଲା । ସଂମାନନୀୟଅତିଥି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ । ବିର ବିର୍ସା କ୍ଲବର ସଭ୍ୟ ସଭ୍ୟାମାନେ ଉକ୍ତ କାର୍ଯକ୍ରମରେ ସହଯୋଗ କରିଥିଲେ । ସଭାଶେଷରେ ସାଉନା ଟୁଡୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଂଚୟ ଓ ଆର୍ଥିକ ସେବା ବିଭାଗ ଆର୍ଥିକ ସ୍ୱାକ୍ଷରତା ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ସମ୍ବଲପୁର,୧୭/୧୧(ନି.ପ୍ର) : ଜିଲ୍ଲା ପ୍ରଶାସନ ଅଧିନସ୍ଥ ସଂଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସମ୍ବଲପୁର ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର, ମାତୃ ବିହାର ଠାରେ ଏକ ଆର୍ଥିକ ସ୍ୱାକ୍ଷରତା ଓ ସଚ୍ଚତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ର ସହନିର୍ଦ୍ଦେଶକ ନୀଳାଂଚଳ ସେଠୀ ଙ୍କର ଅଧକ୍ଷତା ରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟବକ୍ତା ଭାବରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ସମ୍ବଲପୁର ର ଆର୍ଥିକ ସେବା ଉପଦେଷ୍ଟା ଗୋପବନ୍ଧୁ ଜଗଦଳା ଯୋଗ ଦେଇ ସମାଜ ରେ ଆର୍ଥିକ ସ୍ୱାକ୍ଷରତା ର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି କହିଥିଲେ। ଶ୍ରୀ ଜଗଦଳା କହିଲେ ଯେ, ଜୀବନରେ ଏକ ସୁସ୍ଥ ଜୀବନ ପାଇଁ ସଂଚୟ ପ୍ରତି ଆକୃଷ୍ଟ ହେବା ଜରୁରୀ ହୋଇପଡିଛି। ସହନିର୍ଦ୍ଦେଶକ ଶ୍ରୀ ସେଠୀ କହିଲେ ଯେ, ଆଜିକାଲି ସମସ୍ତେ ମିତାବ୍ୟୟି ହୁଅନ୍ତୁ। ଅଯଥା ଖର୍ଚ୍ଚ ରୁ ନିବୃତ ହୁଅନ୍ତୁ ବୋଲି ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ର ସମ୍ପାଦକ ନିହାର ରଞ୍ଜନ ପଣ୍ଡା, ଅଧକ୍ଷ ସଂଜୀବ କୁମାର ଗୁରୁ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ସହକାରୀ ଶିକ୍ଷକ ଲମ୍ବୋଦର ଜେନା ପ୍ରମୁଖ ସଂଚୟ ପ୍ରତି ସମସ୍ତେ ସଚେତନ ହେବା ସହ ଜୀବନକୁ ଶୃଙ୍ଖଳିତ କରିବାକୁ ଛାତ୍ର ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷରେ ସଂଚୟ ଓ ଆର୍ଥିକ ସ୍ୱାକ୍ଷରତା ଉପରେ ଆୟୋଜିତ କୁଇଜ ପ୍ରତିଯୋଗିତାର ୨୦ ଜଣ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଚାଉଁରପୁର ସ୍ଥିତ ସୁମତି ବେହେରା ଉଚ୍ଚ ବିଦ୍ୟାଳୟ ଠାରେ ମଧ ଆର୍ଥିକ ସ୍ୱାକ୍ଷରତା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଶୀତଦିନେ ଘରେ ତିଆରି କରନ୍ତୁ ଲିପ୍ ବାମ୍ ...



ବର୍ଷର ଯେକୌଣସି ସମୟରେ ଓଠ ଫାଟିପାରେ। କିନ୍ତୁ ଶୀତ ଋତୁରେ ଏହି ସମସ୍ୟା ଅତି ସାଧାରଣ ହୋଇଯାଏ। ଶୀତ ଆରମ୍ଭ ହେବା ସହିତ ଲୋକେ ପ୍ରତିଦିନ ଅନେକ ଚର୍ମ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଶୀତ ଦିନରେ ସବୁଠାରୁ ସାଧାରଣ ସମସ୍ୟା ହେଉଛି ଓଠ ଫାଟିବା, କଳା ପଡ଼ିଯିବା ଏବଂ ଶୁଷ୍କ ହୋଇଯିବା ? ଶୀତ ଋତୁରେ ବୋହୁଥିବା ଥଣ୍ଡା ପବନ ଚର୍ମର ଆର୍ଦ୍ରତା ହ୍ରାସ କରିଥାଏ, ଯାହା ଫଳରେ ଚର୍ମ ଶୁଷ୍କ ହୋଇଯାଏ । ଏହି ଶୁଷ୍କତା ବେଳେବେଳେ ଓଠକୁ କଳା ମଧ୍ୟ କରିଦିଏ । ତେବେ ହେଉଥିବା ଏସବୁ ସମସ୍ୟାର ସମାଧାନ ପାଇଁ ଲୋକେ ବଜାରରେ ମିଳୁଥିବା ଦାମୀ ପ୍ରଡକ୍ଟ ବ୍ୟବହାର କରନ୍ତି, ଯାହାକୁ କିଣିବା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ । ଏଭଳି କ୍ଷେତ୍ରରେ ଆପଣ ଘରେ ଓଠ ଫାଟିବା ସମସ୍ୟାର ସମାଧାନ କରିପାରିବେ।

## ଲଗାନ୍ତୁ ଘରେ ତିଆରି ଲିପ୍ ବାମ୍

ଶୁଷ୍କ ଏବଂ ଫାଟିଥିବା ଓଠରୁ ମୁକ୍ତି ପାଇବା ପାଇଁ, ଅଧିକାଂଶ ଲୋକ ବଜାରରେ ଉପଲବ୍ଧ ମଏଶ୍ଚରାଇଜର, ଲୋସନ୍ କିମ୍ବା ପେଟ୍ରୋଲିୟମ୍ ଜେଲି ବ୍ୟବହାର କରନ୍ତି। ହେଲେ ଏହି ଉତ୍ପାଦଗୁଡ଼ିକରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ଦୀର୍ଘକାଳୀନ ଲାଭ ପ୍ରଦାନ କରେ ନାହିଁ। ଏପରି ପରିସ୍ଥିତିରେ, ଘରୋଇ ଉପଚାର ସବୁଠାରୁ ପ୍ରଭାବଶାଳୀ ପ୍ରମାଣିତ ହୁଏ । ତେଣୁ, ଆଜି ଆମେ ଘରେ କିପରି ଆପଣ ଲିପ୍ ବାମ୍ ତିଆରି କରିପାରିବେ ସେ ବିଷୟରେ ଜଣାଇବୁ। ୟୁଟ୍ୟୁବର ପୁନମ୍ ଦେବନାନୀ ଏହାର ପ୍ରସ୍ତୁତି ପ୍ରଣାଳୀ ନିଜ ଚ୍ୟାନେଲରେ ସେୟାର କରିଥିବା ବେଳେ ଲୋକେ ଏଥିରୁ ଲାଭବାନ ହେଉଥିବା ଦାବି କରିଛନ୍ତି।

## ପ୍ରସ୍ତୁତି ପ୍ରଣାଳୀ

ପୁନମଙ୍କ ମୁତାବକ, ଘରେ ଲିପ୍‌ବାମ୍ ତିଆରି କରିବା ପାଇଁ ପ୍ରଥମେ ବିଟ୍ ରୁଟ୍ ଭଲ ଭାବରେ ଛୋଟ ଛୋଟ କରି କାଟି ନିଅନ୍ତୁ। ତାପରେ ସେଥିରେ ଗୋଲାପ ଜଳ ଏବଂ ଗୋଲାପ ଫୁଲର ପାଖୁଡା ମିଶାଇ ଗ୍ରାଇଣ୍ଡ କରନ୍ତୁ। ଏହି ମିଶ୍ରଣକୁ ଏକ କପଡ଼ା ରଖି ଛାଣିନେବା ପରେ ସେଥିରେ ନଡ଼ିଆ ତେଲ ଏବଂ ବାଦାମ ତେଲ ଭଲ ଭାବରେ ମିଶାନ୍ତୁ । ତାପରେ, ସେହି ମିଶ୍ରଣରେ ଆଲୋଭେରା ଜେଲ ଏବଂ ପେଟ୍ରୋଲିୟମ୍ ଜେଲି ମିଶାନ୍ତୁ। ଏହି ପେଷ୍ଟକୁ କିଛି ସମୟ ପାଇଁ ମାଇକ୍ରୋୱେଭ୍ କରନ୍ତୁ। ଯଦି ଆପଣଙ୍କର ମାଇକ୍ରୋୱେଭ୍ ନାହିଁ, ତେବେ ଆପଣ ଏକ ପାତ୍ରରେ ପାଣି ଗରମ କରି ସେଥିରେ ମିଶ୍ରଣ ଥିବା ପାତ୍ର ରଖିପାରିବେ। ଆପଣଙ୍କର ଲିପ୍ ବାମ୍ ଏବେ ପ୍ରସ୍ତୁତ। ଆପଣ ଏହାକୁ ଏକ କାଚ ପାତ୍ର କିମ୍ବା ବୋତଲରେ ରଖି ବ୍ୟବହାର କରିପାରିବେ।




# ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗଃ ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା’ ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ୍ୟ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।



# ସପ୍ତାହକୁ ୨ଥର ପିଅନ୍ତୁ ପାଳଙ୍ଗ ଜୁସ୍; ମିଳିବ ଅନେକ ଚମତ୍କାରୀ ଫାଇଦା

ସପ୍ତାହକୁ ମାତ୍ର ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କୁ ମିଳିବ ଅନେକ ଚମତ୍କାରୀ ଫାଇଦା । ସ୍ୱାସ୍ଥ୍ୟରେ ଆସିବ ଅନେକ ସକରାତ୍ମକ ପରିବର୍ତ୍ତନ, ଯାହା କି ଆପଣ କଳ୍ପନା କରିନଥିବେ । ତେବେ ଜାଣନ୍ତୁ ପାଳଙ୍ଗ ଜୁସ୍‌ର ପିଇବାର ଫାଇଦା ।

## ପାଳଙ୍ଗ ଶାଗ...

ଯାହାକୁ ଆମେ ସାଧାରଣତଃ ଖାଦ୍ୟରେ ବ୍ୟବହାର କରିଥାଉ, ତାହା କେବଳ ଏକ ସାଧାରଣ ଶାଗ ନୁହେଁ, ବରଂ ଏହା ଏକ ପ୍ରାକୃତିକ ଔଷଧ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ଥାଏ । ଖାଦ୍ୟରେ ପାଳଙ୍ଗ ଶାଗ ଖାଇବା ତ ବହୁତ ଭଲ କିନ୍ତୁ ସପ୍ତାହକୁ ମାତ୍ର ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କୁ ମିଳିବ ଅନେକ ଚମତ୍କାରୀ ଫାଇଦା । ସ୍ୱାସ୍ଥ୍ୟରେ ଆସିବ ଅନେକ ସକରାତ୍ମକ ପରିବର୍ତ୍ତନ, ଯାହା କି ଆପଣ କଳ୍ପନା କରିନଥିବେ । ତେବେ ଜାଣନ୍ତୁ ପାଳଙ୍ଗ ଜୁସ୍‌ର ପିଇବାର ଫାଇଦା ।



## ହିମୋଗ୍ଲୋବିନ୍ ବଢ଼ାଏ

ପାଳଙ୍ଗ ଜୁସ୍ ଆମ ଶରୀରକୁ ଶକ୍ତି ଯୋଗାଇବାରେ ସାହାଯ୍ୟ କରେ। ଏଥିରେ ଥିବା ଆଇରନ୍ ଶରୀରରେ ରକ୍ତହୀନତାକୁ ଦୂର କରି ହିମୋଗ୍ଲୋବିନ୍ ସ୍ତର ବୃଦ୍ଧି କରିଥାଏ। ଫଳରେ, ଆପଣ ଅଧିକ ସତେଜ ଏବଂ ଶକ୍ତିଶାଳୀ ଅନୁଭବ କରିବେ । ଥକ୍କାପଣ ଏବଂ ଦୁର୍ବଳତା ଦୂର କରିବା ପାଇଁ ଏହା ଏକ ଉତ୍କୃଷ୍ଟ ପ୍ରାକୃତିକ ଉପାୟ ବା ରାମବାଣ କହିଲେ ଅତ୍ୟୁକ୍ତି ହେବନାହିଁ ।

## ଦୃଷ୍ଟିଶକ୍ତି ବଢ଼ାଏ

ଦୃଷ୍ଟିଶକ୍ତି ଠିକ୍ ? ରଖିବା ପାଇଁ ପାଳଙ୍ଗ ଅତ୍ୟନ୍ତ ଲାଭଦାୟକ । ଏଥିରେ ଥିବା ଲୁଟିନ୍ ଏବଂ ଜିଆକ୍ସାନ୍ଥିନ୍ ପରି କାରୋଟିନଏଡ୍ ଆଖିକୁ ଅଲ୍ଟ୍ରାଭାଓଲେଟ୍ ରଶ୍ମିରୁ ରକ୍ଷା କରେ । ଏହା ମୋତିଆବିନ୍ଦୁ ଏବଂ ମକ୍ୟୁଲାର ଡିଜେନେରେସନ୍ ଭଳି ଆଖି ରୋଗକୁ ରୋକିବାରେ ସାହାଯ୍ୟ କରେ । ନିୟମିତ ବ୍ୟବଧାନରେ ପାଳଙ୍ଗ ଜୁସ୍ ? ସେବନ କରିବା ଦ୍ୱାରା ଦୃଷ୍ଟିଶକ୍ତି ବୃଦ୍ଧି ପାଇଥାଏ।

## ସ୍କିନ୍ ଏବଂ କେଶକୁ ସୁସ୍ଥ ରଖେ

ଏହି ଜୁସ୍ ସ୍କିନ୍ ଏବଂ କେଶ ପାଇଁ ମଧ୍ୟ ବେଶ୍ ଉପକାରୀ । ଏଥିରେ ଥିବା ଭିଟାମିନ୍ ଇ ଏବଂ ଉ ଚର୍ମକୁ ଉଜ୍ୱଳ ଏବଂ ସୁସ୍ଥ ରଖେ । ଏହା ସହ କେଶକୁ ମୂଳରୁ ମଜବୁତ କରିଥାଏ, କେଶ ଝଡ଼ିବା କମ୍ କରିବା ସହ ଚମକଦାର ମଧ୍ୟ କରିଥାଏ ।

## ହଜମ ପ୍ରକ୍ରିୟା ଠିକ୍ ରୁହେ

ପାଳଙ୍ଗ ଜୁସ୍ ହଜମ ପ୍ରକ୍ରିୟାକୁ ସୁଧାରିବାରେ ସାହାଯ୍ୟ କରେ। ପାଳଙ୍ଗରେ ଥିବା ଫାଇବର କୋଷ୍ଠକାଠିନ୍ୟ ଦୂର କରିବାରେ ସହାୟକ ହୁଏ ଏବଂ ପାଚନତନ୍ତ୍ରକୁ ସୁସ୍ଥ ରଖେ । ଯାହା ଦ୍ୱାରା ଗ୍ୟାସ୍ ଏବଂ ବଦହଜମି ଭଳି ସମସ୍ୟା ଦୂର ହୁଏ ।

## ହାଡ଼କୁ ମଜବୁତ ରଖେ

ପାଳଙ୍ଗରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ କ ହାଡ଼କୁ ମଜବୁତ କରିଥାଏ । ଏହା ଓଷ୍ଟିଓପୋରୋସିସ୍ ଭଳି ହାଡ଼ ରୋଗରୁ ରକ୍ଷା କରିଥାଏ । ଏହାଛଡ଼ା, ପାଳଙ୍ଗ ଜୁସ୍ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ସହ ହୃଦରୋଗର ଆଶଙ୍କା କମାଇଥାଏ । ତେବେ ସପ୍ତାହକୁ ଦୁଇ ଦିନ ପାଳଙ୍ଗ ଜୁସ୍ ପିଇବା ଦ୍ୱାରା ଆପଣଙ୍କ ଶରୀର ଭିତରୁ ଏବଂ ବାହାରୁ ସୁସ୍ଥ ରହିବ । ଏହି ସରଳ କିନ୍ତୁ ପ୍ରଭାବଶାଳୀ ଉପାୟଟିକୁ ଆପଣାଇ ଆପଣ ଏକ ସୁସ୍ଥ ଜୀବନଯାପନ କରିପାରିବେ ।

# ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...



ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ୍ୟ ଖୁବ୍ ଗୁରୁତ୍ୱ ରଖିଥାଏ।

ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ୍ୟ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ୍ୟ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ....

## ଲେମ୍ବୁ ଓ ନଡ଼ିଆ

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।

## ଅଲିଭ ଅଏଲ ଓ ଜୈତୁନ ତେଲ

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

# ୪ଟି ଭୁଲପାଇଁ ହୋଇପାରେ କିଡନୀ ସମସ୍ୟାର କାରଣ

କିଡନୀ ମଣିଷ ଶରୀରରେ ରକ୍ତକୁ ସଫା କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରର ସବୁଠାରୁ ଗୁରୁ୍ତ୍ୱପୂର୍ଣ୍ଣ ଅଙ୍ଗ ହୋଇଥାଏ । ପ୍ରତି ମଣିଷର ଶରୀରରେ ଦୁଇଟି କିଡନୀ ଥିବା ବେଳେ ଆଜିକାଲିର ବ୍ୟସ୍ତବହୁଳ ଜୀବନ ପାଇଁ ଲୋକମାନେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି। କିଛି ନ ଭାବି



ସେମାନେ କିଛି ବି ଖାଉଥିବାରୁ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖା ଦେଉଛି । ଦିନ ସାରା ମଣିଷ କରୁଥିବା ଛୋଟ ଛୋଟ ଭୁଲ ପାଇଁ ଶରୀରର ଗୁରୁ୍ତ୍ୱପୁର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି । ଆସନ୍ତୁ ଜାଣିବା ସେ ବିଷୟରେ......

- ♦ ପାଣି ପିଇବା ଶରୀର ପାଇଁ ଲାଭଦାୟକ ହୋଇଥଏ । କିନ୍ତୁ ଦରକାରଠାରୁ ଅଧିକ କିମ୍ବା କମ ପାଣି ପିଇବା ଦ୍ୱାରା ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଦିନକୁ ୮-୧୦ଗ୍ଲାସ ପାଣି ପିଇବା ଦରକାର । ଏହାଠାରୁ ଅଧିକ ପାଣି ପିଇଲେ କିଡନୀକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହାଦ୍ୱାରା କିଡନୀ ଖୁବ୍ ଶୀଘ୍ର ଖରାପ ହେବାର ଆଶଙ୍କା ରହିଥାଏ ।
- ♦ ଅଧିକ ମାତ୍ରାରେ ପେନ୍ କିଲର ଖାଇବା ଦ୍ୱାରା ଏହା କିଡନୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଶରୀରରେ ପେନ୍ କିଲରର ମାତ୍ରା ଅଧିକ ହେବା ଦ୍ୱାରା କିଡନୀରେ ଥିବା କୋଷିକାଗୁଡ଼ିକ ନଷ୍ଟ ହୋଇଯାଇଥାଏ ।
- ♦ ଖାଇବା ପ୍ରସ୍ତୁତ ହେବା ପରେ ଯେଉଁ ଲୋକମାନେ ତା’ ଉପରେ ଲୁଣ ପକାଇ ଖାଇଥାନ୍ତି, ସେମାନଙ୍କୁ କିଡନୀ ସହ ଜଡ଼ିତ ସମସ୍ୟା ହେବାର ଆଶଙ୍କା ଅଧିକ ରହିଥାଏ । ଏହା ଦ୍ୱାରା ଶରୀରରୁ ସୋଡିୟମ ସହଜରେ ବାହାରି ନ ପାରି କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଡିଗ୍ରୀ ଓ ନିଯୁକ୍ତି ମଧ୍ୟରେ ବ୍ୟବଧାନ : ଦେଶ ପାଇଁ ଗୋଟେ ଆହ୍ୱାନ

ଭାରତର ଭବିଷ୍ୟତକୁ ନେଇ ଯେତେବେଳେ ବି ଆଲୋଚନା ହୁଏ, ସେତେବେଳେ ଏହାର 'ଜନସାଂଖ୍ୟିକ ଲାଭାଂଶ'କୁ ଏକ ମୁଖ୍ୟ ଶକ୍ତି ଭାବରେ ଗଣାଯାଏ । ୩୫ ବର୍ଷରୁ କମ୍ ବୟସର ୮୦ କୋଟିରୁ ଅଧିକ ଜନସଂଖ୍ୟା ସହିତ, ଭାରତ ବିଶ୍ୱର ସର୍ବାଧିକ ଯୁବ ଶକ୍ତି ଥିବା ଦେଶମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ଯୁବପିଢ଼ି, ଯାହାକୁ ଦେଶର ସବୁଠାରୁ ବଡ଼ ସମ୍ପତ୍ତି ବୋଲି ବିବେଚନା କରାଯାଉଥିଲା, ତାହା ବର୍ତ୍ତମାନ ଏକ ବଡ଼ ଦାୟିତ୍ୱରେ ପରିଣତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଏହାର ମୂଳ କାରଣ ହେଉଛି ଆମର ଶିକ୍ଷା ବ୍ୟବସ୍ଥା ଏବଂ ବାସ୍ତବ ଦୁନିଆର ଆବଶ୍ୟକତା ମଧ୍ୟରେ ଥିବା ବିରାଟ ପାର୍ଥକ୍ୟ । ଡିଗ୍ରୀ ଏବଂ ନିଯୁକ୍ତି ମଧ୍ୟରେ ଥିବା ଏହି ବ୍ୟବଧାନ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି, ଯାହା ଫଳରେ ଏହି ଜନସାଂଖ୍ୟିକ ସୁଯୋଗ ଏକ 'ସମୟ ବୋମା'ରେ ପରିଣତ ହେବାର ଭୟ ଦେଖାଦେଇଛି । ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରାନଯାଏ, ତେବେ ଭାରତର ସାମାଜିକ ଏବଂ ଅର୍ଥନୈତିକ ସ୍ଥିରତା ପ୍ରତି ଏହା ଏକ ଗମ୍ଭୀର ଆହ୍ୱାନ ସୃଷ୍ଟି କରିପାରେ ।

ଏକଥା ସତ ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ସ୍ନାତକ ସୃଷ୍ଟି କରୁଛି, କିନ୍ତୁ ଏକ ନିରାଶାଜନକ ବାସ୍ତବତା ହେଉଛି ଯେ ଏହି ସ୍ନାତକମାନଙ୍କ ମଧ୍ୟରୁ ଅଧିକାଂଶ ହୁଏତ ସେମାନଙ୍କ ଯୋଗ୍ୟତା ଅନୁଯାୟୀ କାମ ପାଉନାହାନ୍ତି କିମ୍ବା ସମ୍ପୂର୍ଣ୍ଣରୂପେ ନିଯୁକ୍ତି ପାଇଁ ଅଯୋଗ୍ୟ ହୋଇ ରହିଛନ୍ତି। ଏହି ସମସ୍ୟା କେବଳ କଳା ବା ସାମାଜିକ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୀମିତ ନାହିଁ; ବିଗତ ଦଶନ୍ଧିର ତଥ୍ୟ ଅନୁଯାୟୀ, ପ୍ରାୟ ୪୦% ରୁ ୫୦% ଇଞ୍ଜିନିୟରିଂ ସ୍ନାତକ ମଧ୍ୟ କ୍ୟାମ୍ପସ ନିଯୁକ୍ତି ପାଇବାରେ ବିଫଳ ହେଉଛନ୍ତି। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଆମର ଶିକ୍ଷାନୁଷ୍ଠାନରେ ଦିଆଯାଉଥିବା ଶିକ୍ଷା ଏବଂ ଶିଳ୍ପ ଜଗତର ଆବଶ୍ୟକତା ମଧ୍ୟରେ କୌଣସି ତାଳମେଳ ନାହିଁ । ଗୋଟିଏ ପଟେ ନିଯୁକ୍ତିଦାତାମାନେ ଦକ୍ଷ କର୍ମଚାରୀଙ୍କ ଅଭାବ ବିଷୟରେ ଅଭିଯୋଗ କରୁଥିବାବେଳେ, ଅନ୍ୟ ପଟେ ଲକ୍ଷ ଲକ୍ଷ ଶିକ୍ଷିତ ଯୁବକଯୁବତୀ ବେକାର ହୋଇ ବସୁଛନ୍ତି । ଏହି ବିଡମ୍ବନାକୁ ବର୍ତ୍ତମାନ ଶିକ୍ଷାବିତ୍ ମାନେ ମଧ୍ୟ ସ୍ୱୀକାର କରୁଛନ୍ତି ଏବଂ ୬୧% ଉଚ୍ଚଶିକ୍ଷା ଅଧିକାରୀ ଏକମତ ଯେ ଆମର ପାଠ୍ୟକ୍ରମ ଦ୍ରୁତ ଗତିରେ ବଦଳୁଥିବା ଚାକିରି ବଜାର ସହିତ ସମନ୍ୱିତ ନୁହେଁ ।

ବିଶ୍ୱ ବର୍ତ୍ତମାନ ଏକ ନୂତନ ବୈଷୟିକ ଯୁଗ ଦେଇ ଗତି କରୁଛି, ଯାହାର ନେତୃତ୍ୱ ନେଉଛି କୃତ୍ରିମ ବୁଦ୍ଧିମତା **(Artificial Intelligence)** । ଏହା ଆମର କାର୍ଯ୍ୟ କରିବାର ଶୈଳୀ ଏବଂ ଚିନ୍ତାଧାରାକୁ ସମ୍ପୂର୍ଣ୍ଣରୂପେ ବଦଳାଇ ଦେଉଛି । ଏକ ଗବେଷଣା ଅନୁଯାୟୀ, ବିଶ୍ୱର ପ୍ରାୟ ୭୦% ଚାକିରି **AI** ଦ୍ୱାରା ପ୍ରଭାବିତ ହେବ ଏବଂ ଅନେକ କ୍ଷେତ୍ରରେ ୩୦% କାର୍ଯ୍ୟ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ହୋଇଯିବ । ଏହି ପରିବର୍ତ୍ତନ ଫଳରେ **AI** ସମ୍ବନ୍ଧୀୟ ଅନେକ ନୂତନ ଚାକିରି ସୃଷ୍ଟି ହେଉଥିବାବେଳେ, ପାରମ୍ପାରିକ ଚାକିରିଗୁଡ଼ିକ ଦ୍ରୁତ ଗତିରେ ଅଦୃଶ୍ୟ ହୋଇଯାଉଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ, ଆମର ସ୍କୁଲ ଓ କଲେଜଗୁଡ଼ିକରେ ପାଠ୍ୟକ୍ରମ ପରିବର୍ତ୍ତନ ପାଇଁ ତିନି ବର୍ଷରୁ ଅଧିକ ସମୟ ଲାଗୁଛି । ଏହି ଧିମା ପ୍ରକ୍ରିୟା ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତର ଆହ୍ୱାନ ପାଇଁ ପ୍ରସ୍ତୁତ କରିବାରେ ସମ୍ପୂର୍ଣ୍ଣ ବିଫଳ ହେଉଛି । ଯଦି ଆମେ ଆମର ଯୁବପିଢ଼ିକୁ ନୂତନ କୌଶଳ **(upskilling)**, ଅତିରିକ୍ତ କୌଶଳ **(cross-skilling)** ଏବଂ ପୁନଃ କୌଶଳ **(re-skilling)** ଦ୍ୱାରା ସଶକ୍ତ ନ କରିବା, ତେବେ ସେମାନେ ଏହି ପ୍ରତିଯୋଗିତାରେ ବହୁ ପଛରେ ପଡ଼ିଯିବେ ।

ଏହି ସମସ୍ୟାର ମୂଳଦୁଆ ହାଇସ୍କୁଲ ସ୍ତରରୁ ହିଁ ପଡ଼ିଥାଏ । ଏକ ସର୍ବେକ୍ଷଣରୁ ଜଣାପଡିଛି ଯେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ୯୩% ଛାତ୍ରଛାତ୍ରୀ କେବଳ ସାତଟି ପାରମ୍ପାରିକ ବୃତ୍ତି (ଡାକ୍ତର, ଇଞ୍ଜିନିୟର, ଓକିଲ ଇତ୍ୟାଦି) ବିଷୟରେ ଅବଗତ ଥାଆନ୍ତି, ଯେତେବେଳେ କି ଆଧୁନିକ ଅର୍ଥବ୍ୟବସ୍ଥାରେ ୨୦,୦୦୦ରୁ ଅଧିକ ବୃତ୍ତିର ସୁଯୋଗ ରହିଛି । ଏହାଠାରୁ ଆହୁରି ଆଶ୍ଚର୍ଯ୍ୟର କଥା ଯେ କେବଳ ୭% ଛାତ୍ରଛାତ୍ରୀ ସ୍କୁଲ ସମୟରେ କୌଣସି ପ୍ରକାରର ଆନୁଷ୍ଠାନିକ ବୃତ୍ତିଗତ ମାର୍ଗଦର୍ଶନ ପାଇଥାନ୍ତି । ଏହି ସଚେତନତାର ଅଭାବ ଯୋଗୁଁ ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ନିଜର ଦକ୍ଷତା ଏବଂ ବଜାରର ଚାହିଦାକୁ ନ ଦେଖି ଏପରି ଡିଗ୍ରୀ ହାସଲ କରନ୍ତି, ଯାହା ଭବିଷ୍ୟତରେ ସେମାନଙ୍କ କୌଣସି କାମରେ ଆସେନାହିଁ । ଫଳରେ, ସେମାନେ ଡିଗ୍ରୀ ହାସଲ କରି ମଧ୍ୟ ବେକାର ରହି ଦେଶର ବେରୋଜଗାରୀ ସମସ୍ୟାକୁ ଆହୁରି ଜଟିଳ କରନ୍ତି।

ସରକାରଙ୍କ ଦ୍ୱାରା 'ସ୍କିଲ୍ ଇଣ୍ଡିଆ ମିଶନ' ଭଳି ଅନେକ ଯୋଜନା ଆରମ୍ଭ କରାଯାଇଛି, ଯାହାର ଉଦ୍ଦେଶ୍ୟ ଥିଲା ୨୦୨୨ ସୁଦ୍ଧା ୪୦ କୋଟି ଲୋକଙ୍କୁ ତାଲିମ ଦେବା । କିନ୍ତୁ ବ୍ୟାପକ ପାଣ୍ଠି ଯୋଗାଣ ସତ୍ତ୍ୱେ, ଏହି ମିଶନ ନିଜ ଲକ୍ଷ୍ୟଠାରୁ ବହୁ ଦୂରରେ ରହିଗଲା । ଏକ ସୁସଂଗଠିତ ରଣନୀତିର ଅଭାବ ଏବଂ ବିଭିନ୍ନ ଯୋଜନା ମଧ୍ୟରେ ସମନ୍ୱୟର ଅଭାବ ଏହାର ବିଫଳତାର ମୁଖ୍ୟ କାରଣ । ବର୍ତ୍ତମାନ ସମୟର ଆହ୍ୱାନ ହେଉଛି ଏକ ସୁସଂଗତ ରଣନୀତି ପ୍ରସ୍ତୁତ କରିବା, ଯେଉଁଥିରେ ସରକାର, ବେସରକାରୀ ସଂସ୍ଥା ଏବଂ ଶିକ୍ଷାନୁଷ୍ଠାନ ମିଳିତ ଭାବେ କାର୍ଯ୍ୟ କରିବେ। ଶିକ୍ଷା ଏବଂ ଦକ୍ଷତା ବିକାଶକୁ ଶିଳ୍ପର ଚାହିଦା ସହିତ ଯୋଡ଼ିବା ଅତ୍ୟନ୍ତ ଜରୁରୀ । ପାଠ୍ୟକ୍ରମରେ କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ବ୍ୟାବହାରିକ ଅଭିଜ୍ଞତା, ସମସ୍ୟା ସମାଧାନର କୌଶଳ ଏବଂ ନୂତନ ଜ୍ଞାନକୌଶଳର ଶିକ୍ଷାକୁ ମଧ୍ୟ ଗୁରୁତ୍ୱ ଦେବାକୁ ହେବ ।

ଯଦି ଭାରତ ଏହି ସଙ୍କଟର ମୁକାବିଲା କରିବାରେ ବିଫଳ ହୁଏ, ତେବେ ଏହାର ପରିଣାମ ଭୟାବହ ହୋଇପାରେ । ଉଚ୍ଚଶିକ୍ଷିତ କିନ୍ତୁ ବେକାର ଯୁବପିଢ଼ିର ଏକ ବିଶାଳ ସମୂହ ଦେଶରେ ସାମାଜିକ ଅସ୍ଥିରତା ଏବଂ ଅସନ୍ତୋଷ ସୃଷ୍ଟି କରିପାରେ । ଏହା କେବଳ ଏକ ଶିକ୍ଷା ବା ନିଯୁକ୍ତି ସଙ୍କଟ ନୁହେଁ, ବରଂ ଏହା ଆମର ସାମାଜିକ ବ୍ୟବସ୍ଥାକୁ ମଧ୍ୟ ଭାଙ୍ଗି ଦେଇପାରେ । ଆଗାମୀ ଦଶନ୍ଧି ଭାରତ ପାଇଁ ଅତ୍ୟନ୍ତ ନିର୍ଣ୍ଣାୟକ । ଏହି ସମୟ ହିଁ ସ୍ଥିର କରିବ ଯେ ଭାରତର ଯୁବ ଶକ୍ତି ଦେଶ ପାଇଁ ଏକ ବରଦାନ ସାବ୍ୟସ୍ତ ହେବେ ନା ଅଭିଶାପ । ସମୟ ଦ୍ରୁତ ଗତିରେ ଚାଲିଛି, ଏବଂ ଆମକୁ ଆମର ଯୁବପିଢ଼ିଙ୍କୁ ଗତକାଲିର ଚାକିରି ପାଇଁ ନୁହେଁ, ବରଂ ଆସନ୍ତାକାଲିର କ୍ୟାରିୟର ପାଇଁ ପ୍ରସ୍ତୁତ କରିବାକୁ ପଡିବ ।



# ପ୍ରାର୍ଥନାର ସ୍ୱରୂପରେ ମନର ଭୂମିକା

## ଅଧ୍ୟାପକ ଶ୍ରୀ ହେମନ୍ତ କୁମାର ଗନ୍ତାୟତ

ପ୍ରାଚୀନ ଭାରତୀୟ ମନୀଷୀମାନେ କେବଳ ଜଣେ ଜଣେ ସାଧାରଣ ଯୋଗୀ ନଥିଲେ। ଅପିତୁ ସେମାନେ ଥିଲେ ଜଣେ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ସେମାନଙ୍କ ସାଧନାର ଜ୍ଞାନ ପାଇଁ ଆଜି ସାଧାରଣ ମନୁଷ୍ୟ ଚରମ ଲକ୍ଷ୍ୟକୁ ପ୍ରାପ୍ତି କରିବା ପାଇଁ ସକ୍ଷମ ହୋଇପାରିଛି । ସେହି ସାଧନାର ସ୍ୱର୍ଣ୍ଣ ଶ୍ରେଷ୍ଠ ଫଳ ହେଉଛି ପ୍ରାର୍ଥନା। ଏହି ପ୍ରାର୍ଥନା ସମଗ୍ର ମାନବ ସମାଜକୁ ଏକ ବରଦାନ ଅଟେ। ଏ ବରଦାନ ଯୋଗୁଁ ମନୁଷ୍ୟ ଈଶ୍ୱରଙ୍କ ସହିତ ସମ୍ବନ୍ଧ ଯୋଡିବାରେ ସମର୍ଥ ହୋଇପାରିଛି । ଯାହା ଫଳରେ ସେ ନିଜର ମାନସିକ ଅଭିବ୍ୟକ୍ତିକୁ ଜଣାଇବା ପାଇଁ ପ୍ରଥମେ ସ୍ତୁତି ,ସ୍ତୋତ୍ର, ଧ୍ୟାନ ଓ ନାମ ଜପାଦି କରିଥାଏ ଏଂ ତା'ପରେ ନିଜର ଗୁଣଭେଦ ଅନୁଯାୟୀ ଯାଚନା, କାମନା, ଅନୁରୋଧ ଓ ନିବେଦନ କରିଥାଏ । ଏହାକୁ ପ୍ରାର୍ଥନା ବୋଲି କୁହାଯାଏ।

ଏହି ପ୍ରାର୍ଥନାର ଗୁଣ ଓ ନାମଭେଦକୁ ନେଇ ତିନିଭାଗରେ ବିଭାଜନ କରାଯାଇଛି ଯଥା - ତାମଶିକ, ରାଜଶିକ ଓ ସାତ୍ତ୍ୱିକ। ଈଶ୍ୱରଙ୍କ ନିକଟରେ ଅନ୍ୟର ଅହିତ କାମନା କରିବାର ନାମ ତାମଶିକ ପ୍ରାର୍ଥନା ଅଟେ । ଉଦାହରଣ - କୌଣସି ଏକ ବ୍ୟକ୍ତି ନିଜ ଶତ୍ରୁର ବିନାଶ ପାଇଁ ଈଶ୍ୱରଙ୍କୁ ଗୁହାରି କରିବା। ଏପରି ପ୍ରାର୍ଥନା ଅଧମ ଶ୍ରେଣୀ ଅନ୍ତର୍ଭୁକ୍ତ। ସେ'ପରି ନିଜର ଓ ନିଜ ପରିବାର ର ସୁଖ ସମୃଦ୍ଧି ପାଇଁ ଠାକୁରଙ୍କ ନିକଟରେ ଯାଚନା କରିବାର ନାମ ରାଜଶିକ ପ୍ରାର୍ଥନା। ଏହା ମଧ୍ୟମ ପର୍ଯ୍ୟାୟଭୁକ୍ତ। ବିଶ୍ୱର ମଙ୍ଗଳ ପାଇଁ ସ୍ରଷ୍ଟାଙ୍କ ସମୀପରେ ଅନୁରୋଧ କରିବାର ନାମ ସାତ୍ତ୍ୱିକ ପ୍ରାର୍ଥନା ଅଟେ। ଉଦାହରଣ -

ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟ ।<br>
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖ ଭାକ୍ ଭବେତ୍ ।। ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

ଅନ୍ୟ ଏକ ଦୃଷ୍ଟାନ୍ତ ସନ୍ଥକବି ଭୀମ ଭୋଇଙ୍କ ମତରେ -

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ<br>
ଦେଖୁଦେଖୁ କେବା ସହୁ ।<br>
ମୋ ଜୀବନ ପଛେ ନର୍କେ ପଡ଼ିଥାଉ<br>
ଜଗତ ଉଦ୍ଧାର ହେଉ।।

ଏପରି ପ୍ରାର୍ଥନା ଶ୍ରେଷ୍ଠତର ଅଟେ। ଏତତ୍ ବ୍ୟତୀତ ଅନ୍ୟ ଏକ ପ୍ରାର୍ଥନା ରହିଛି, ଯାହାର ନାମ ଗୁଣାତୀତ ପ୍ରାର୍ଥନା। ଏଥିରେ କେବଳ ଈଶ୍ୱରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଏ। ତା'ବ୍ୟତୀତ ଯାଚନା,କାମନା, ଅନୁରୋଧ ଓ ନିବେଦନାଦି କିଛିବି ରହେନାହିଁ । ଏଣୁ ଏହି ପ୍ରାର୍ଥନା ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠତମ ଅଟେ। ଉଦାହରଣ - ଯେତେବେଳେ ମନୁଷ୍ୟର ଜ୍ଞାତ ହୋଇଯାଏ ଯେ ଈଶ୍ୱର ହେଉଛନ୍ତି ସର୍ବଜ୍ଞ ଓ ମଙ୍ଗଳମୟ ସ୍ୱରୂପ , ସେ ଯାହାବି କରନ୍ତି ସଂସାରର ମଙ୍ଗଳ ପାଇଁ ହିଁ କରିଥାନ୍ତି। ଏହାପରେ ସେହି ମନୁଷ୍ୟ ସ୍ରଷ୍ଟାଙ୍କୁ କେବଳ ହିଁ କେବଳ କୃତଜ୍ଞତା ଜଣାଇଥାଏ। ଯେପରି -

ହେ ମଙ୍ଗଳମୟ ପୁରୁଷ ଉତ୍ତମ !<br>
କୃପାମୟ ବିଶ୍ୱେଶ୍ୱର<br>
ଅମୃତ ସଂସାର ରଚିଛ ଠାକୁର<br>
ଦିଶେ କେଡେ ମନୋହର<br>
ବିଶ୍ୱ ତୁମ ଉପହାର<br>
ତୁମର ମହିମା କିପରି ବର୍ଣ୍ଣିବ<br>
ଅଜ୍ଞାନ ହେମନ୍ତ ଛାରା।

ଉପୋରକ୍ତ ବିଷୟକୁ ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ,ପ୍ରାର୍ଥନା ପାଇଁ ସହାୟକ ହେଉଛି ଆମ ମନ। କାରଣ ମନ ହିଁ ବାହ୍ୟରେ ଓ ଆଭ୍ୟନ୍ତରରେ ଈଶ୍ୱରଙ୍କର ନିକଟତର ହୋଇଥାଏ। ଏଣୁ ଶାସ୍ତ୍ରରେ କୁହାଯାଇଛି ' ମନର ମୂଳେ ଏ ଜଗତ ' ଏଂ ' ମନେବ ମନୁଷ୍ୟାଣାମ୍ କାରଣମ୍ ବନ୍ଧ ମୋକ୍ଷୟୋଃ '। ଅତଃ ମନୁଷ୍ୟ ମନର ସ୍ଥିତିକୁ ନେଇ ସମସ୍ତ କାର୍ଯ୍ୟ ସମ୍ପାଦନା କରିଥାଏ। ଏଥିଯୋଗୁଁ ଏହି ମନକୁ ପ୍ରାଧାନ୍ୟ ଦିଆଯାଇଛି। ଆମେ ଯଦି ଥରେ ନିଜକୁ ନିରୀକ୍ଷଣ କରିବା, ତେବେ ଜାଣିପାରିବା ଯେ ଏ ମନ ଦ୍ୱାରା କିପରି ଆମେ ପରିଚାଳିତ ହେଉଛେ। ଅନ୍ୟମାନଙ୍କ ସହ ଆମେ ଯେତେ ଆଳାପ କରୁନେ ତାଠାରୁ ନିଜ ସହ ଚାରିଗୁଣ କଥା ହୋଇଥାଉ। କୌଣସି ଏକ ସାମାନ୍ୟ ସମସ୍ୟାକୁ ଆମେ ଏତେ ମହତ୍ତ୍ୱ ଦେଉଛେ ଯେ, ଯାର ଗୁରୁତ୍ୱ ସେତେ ଅଧିକ ନ ଥାଏ। ଏପରି ଅନେକ ଗୁଡାଏ ବିଷୟକୁ ନେଇ ଆମେ ପ୍ରତ୍ୟହ ନିଜ ସହ ନିଜେ ବାର୍ତ୍ତାଳାପ କରିଥାଉ। ଏହି କାରଣରୁ ଆମ ମନରେ ନକାରାତ୍ମକ ଭାବନାମାନ ସୃଷ୍ଟି ହୋଇଥାଏ। ବାରମ୍ବାର ଏପରି ନକାରାତ୍ମକ ଭାବନାମାନ ସୃଷ୍ଟି ହେବା ଦ୍ୱାରା ଶରୀରରେ ନାନାବିଧ ବ୍ୟାଧି ଉତ୍ପନ୍ନ ହୁଏ। ଏଣୁ ଶରୀରକୁ ସୁସ୍ଥ ରଖିବାକୁ ହେଲେ ପ୍ରଥମେ ମନକୁ ଶୁଦ୍ଧ ରଖିବାକୁ ହେବ । କାରଣ ଏକ ଶୁଦ୍ଧ ମନ ହିଁ ବିଶୁଦ୍ଧ ସଂକଳ୍ପ ନେଇପାରେ ।ତେଣୁ ଆମେ ସଦଗୁରୁଙ୍କ ନିକଟକୁ ଯାଇ ମନକୁ ମନରେ ନିରୀକ୍ଷଣ କରିବାର କଳା ଶିଖିବା ଆବଶ୍ୟକ । ଯଦ୍ୱାରା ଏ ମନ ଈଶ୍ୱରଙ୍କ ନିକଟରେ ବିଶୁଦ୍ଧ ପ୍ରାର୍ଥନା କରିବା ନିମନ୍ତେ ସ୍ୱର୍ଣ୍ଣ ସମର୍ଥ ହୋଇପାରିବ।

ଆସିକା, ଗଞ୍ଜାମ



# ବିଶ୍ୱତ୍ରାଣ ଭଗବାନ ଶ୍ରୀ ସତ୍ୟସାଇ

## ଇଂ.ସଚ୍ଚିଦାନନ୍ଦ ନନ୍ଦ

ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଚରଣ କମଳରେ ଯେତେ କୋଟି ପ୍ରଣାମ ଜ୍ଞାପନ କଲେ ବି ତାହା ଯଥେଷ୍ଟ ମନେ ହୁଏନାହିଁ, କାରଣ ତାଙ୍କ କୃପାକଟାକ୍ଷ ଲାଭ କରି କୋଟି କୋଟି ନିଃସନ୍ତାନ ସନ୍ତାନ ଲାଭ କରିଛନ୍ତି, କୋଟି କୋଟି ଅପୁତ୍ରିକ ପୁତ୍ର ଲାଭ କରିଛନ୍ତି, କୋଟି କୋଟି ବାସହୀନ ବାସସ୍ଥାନ ପାଇଛନ୍ତି, କୋଟି କୋଟି ସମସ୍ୟା ବହୁଳ ଜୀବନର ସହଜ ସମାଧାନ ହୋଇପାରିଛି, କୋଟି କୋଟି ଅଶ୍ରୁଆର୍ଦ୍ର ନୟନରୁ ଦୁଃଖ ଦୂର ହୋଇ ଆନନ୍ଦର ବନ୍ୟା ଦେଖାଦେଇଛି।

ସବୁଠାରୁ ବଡ଼ କଥା ତାଙ୍କ ନିର୍ଦ୍ଧାରିତ ପଥ ଅବଲମ୍ବନ କରି କଣ୍ଟକର ଜୀବନ ଇଷ୍ଟନିଷ୍ଠ ଜୀବନରେ ପରିଣତ ହୋଇଛି। ନୈତିକତା ହୀନ ପରିବାର ଉଚ୍ଛନ୍ନ ହୋଇଯିବାକୁ ବସିଥିଲାବେଳେ ସାଇ ଶିକ୍ଷାର ଚମତ୍କାରିତା ସେ ପରିବାର ଗୁଡ଼ିକୁ ପୁର୍ନବାର ନୀତି ଓ ପ୍ରୀତି ପରିପୂର୍ଣ୍ଣ କରିଦେଇଛି। ସାଧାରଣ ଘର ଗୁଡ଼ିକ ମର୍ତ୍ତ୍ୟ ବୈକୁଣ୍ଠରେ ପରିଣତ ହୋଇପାରିଛି। ଏଭଳି ବ୍ୟକ୍ତିଗତ ଉପକାର ସଙ୍ଗେ ସଙ୍ଗେ ସାମାଜିକ, ପ୍ରାଦେଶିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଏପରିକି ଜାତିସଂଘ ମାଧ୍ୟମରେ ବି ସାଇ ତାଙ୍କ ଶିକ୍ଷାର ଚମତ୍କାରିତା ପ୍ରଦର୍ଶନ କରି ସମଗ୍ର ବିଶ୍ୱରେ ଶାନ୍ତି ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ପୃଥିବୀର ଅଶେଷ ଉପକାର କରିପାରିଛନ୍ତି। ପ୍ରତି ପାଞ୍ଚ ବର୍ଷରେ ଥରେ ଲେଖାଏଁ ସାଇ ସେବା ସଂଗଠନର ବିଶ୍ୱ ସମ୍ମିଳନୀ ଆୟୋଜନ କରି ବିଶ୍ୱର ପାଖାପାଖି ୧୪୦ ଦେଶର ଭକ୍ତମାନଙ୍କୁ ନିଜ ଚିନ୍ତାଧାରା, ନିଜ ଆଧ୍ୟାତ୍ମିକ ପ୍ରଭାବ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ ମାଧ୍ୟମରେ ରୂପାନ୍ତରିତ କରି ସେମାନଙ୍କ ବ୍ୟକ୍ତିଗତ ସାମୂହିକ ତଥା ପାରିବାରିକ ଉନ୍ନତି, ଆନ୍ତରିକ ଶାନ୍ତି ଓ ସଂହତି ବୃଦ୍ଧି କରିବା ସହିତ ଆଧ୍ୟାତ୍ମିକତାର ଅଭିବୃଦ୍ଧି ଘଟାଇ କୋଟି କୋଟି ଆତ୍ମାର ଉନ୍ମେଷ ବିଧାନ କରି ଯେଉଁ ପରମ ମଙ୍ଗଳ ସାଧି ପାରିଛନ୍ତି ସେଥିପାଇଁ ସେ ସମଗ୍ର ବିଶ୍ୱର ଚିର ସ୍ମରଣୀୟ, ଚିର ବନ୍ଦନୀୟ ତଥା ଚିର ପୂଜନୀୟ ହୋଇ ରହିଥିବେ।ଶିକ୍ଷାକ୍ଷେତ୍ରରେ ସଂସ୍କାର, ସେବା କ୍ଷେତ୍ରରେ ସଂସ୍କାର, ସାମାଜିକ ଉନ୍ନତି ଦିଗରେ ସଂସ୍କାର, ସାଧାରଣ ଲୋକଙ୍କର ସାଧାରଣ ଆବଶ୍ୟକତା ପୂରଣ କରିବା ପାଇଁ ସେ ଯେଉଁ ପଦକ୍ଷେପ ନେଇଛନ୍ତି ତାହା ସମସ୍ତଙ୍କର ଅନୁକରଣୀୟ। କେବଳ କଥାରେ ଉପଦେଶ ନଦେଇ କାମରେ ଦେଖାଇ ଯେଉଁ ଉଦାହରଣ ଉପସ୍ଥାପନ କରିଦେଇଛନ୍ତି ତାହା କାଳ କାଳକୁ କେବଳ ଲୋକମାନଙ୍କୁ ନୁହେଁ ସରକାର ମାନଙ୍କୁ ମଧ୍ୟ ମାର୍ଗ ପ୍ରଦର୍ଶନ କରୁଥିବ। ଅଷ୍ଟମ ଶ୍ରେଣୀ ଯାଏ ପାଠ ତାହା ପୁଣି ଆନ୍ଧ୍ରପ୍ରଦେଶର ଉପାନ୍ତ ଅଞ୍ଚଳର ଅନ୍ଧାରୀମୂଳକର ଏକ ଅନାମଧେୟ ବିଦ୍ୟାଳୟରେ। ସେଭଳି ବ୍ୟକ୍ତିର କଥାରେ, ଭାଷଣରେ ଓ ଉପଦେଶରେ କି ଶକ୍ତି ଥିଲା ଯେ ତାହା ଦେଖୁ ଦେଖୁ ବିଶ୍ୱ ସାରା ପ୍ରସରି ଗଲା। ପୃଥିବୀର ସମସ୍ତ ଭାଷାରେ ଅନୁଦିତ ହୋଇଗଲା, ସବୁଠାରୁ ଆଶ୍ଚର୍ଯ୍ୟର କଥା ଦୃଷ୍ଟିଶକ୍ତି ବାଧିତ ମାନଙ୍କ ପାଇଁ ବ୍ରେଲ୍‌ରେ ମଧ୍ୟ ବହି ଛପା ହୋଇଗଲା। ସେ ଶକ୍ତି କଳନାର ବାହାରେ, ମଣିଷ ମସ୍ତିଷ୍କ ତାହାକୁ ଧାରଣ କରିପାରିବନାହିଁ ଏବେ ଭାବିଲେ ମଧ୍ୟ ମନ ହୃଦୟର ତନ୍ତ୍ରୀ କମ୍ପିଉଠେ ଯେ ଏତେ ବଡ଼ ଶକ୍ତି ଗୋଟିଏ ସାଧାରଣ ମାନବ ଶରୀର ଧରି ଧରାପୃଷ୍ଠରେ ଅବତରଣ କରିଥିଲା ଯାହାକୁ ଅବଲୋକନ, ଅନୁଧ୍ୟାନ ଯାହାର ସ୍ପର୍ଶନ ଓ ସମ୍ଭାଷଣ ପାଇବା ପାଇଁ ବିଶ୍ୱବାସୀ ମଧ୍ୟ ସେହି ସମୟ ଅବଧିରେ ଜନ୍ମଲାଭ କରି ତାଙ୍କ ଚର୍ମଚକ୍ଷୁକୁ ପବିତ୍ର କରିବା ସହ ନିଜ ନିଜର ସୌଭାଗ୍ୟର ବିସ୍ତାର ଓ ପ୍ରସାରକୁ ମାପ କରିବାକୁ ଅସମର୍ଥ ହୋଇଗଲେ। ଇତିମଧ୍ୟରେ ସତ୍ୟସାଇଙ୍କ ନିର୍ଦ୍ଦେଶିତ ମାର୍ଗରେ ଚାଲି ନିଜ ଜୀବନ ସହ ସାମାଜିକ ଜୀବନକୁ ସଜାଡ଼ିବାରେ ଲାଗିପଡ଼ିଛନ୍ତି ବିଶ୍ୱର କୋଟି କୋଟି ଆଶ୍ରିତ। ଏବଂ ଏହି କର୍ମ ମାଧ୍ୟମରେ ସାଇ ଶକ୍ତି ଭଳି ଏକ ଦିବ୍ୟ ଶକ୍ତିର ବଚନକୁ କର୍ମ ରୂପ ଦେଇ ଆତ୍ମ ଶାନ୍ତି ଲାଭ କରି ଜୀବନର ପରମ ଲକ୍ଷ୍ୟରେ ଉପନୀତ ହେବାପାଇଁ ସେମାନେ ଶତତ ଚେଷ୍ଟିତ।

ଅଭାବୀ ଲୋକଙ୍କର ଅଭାବ ଦୂର କରିବା (ମାନସିକ ସ୍ତର, ଆର୍ଥିକ ସ୍ତର, ସାମାଜିକ ସ୍ତର)ର ଶିକ୍ଷାର ଆଲୋକ ପାଉନଥିବା ଅଞ୍ଚଳରେ ତାହା ଉପଲବ୍ଧ କରାଇବା, ସ୍ୱାସ୍ଥ୍ୟ ବ୍ୟବସ୍ଥା କରିବା, ଅସୁସ୍ଥତାରେ ଔଷଧ ଯୋଗାଇବା, ଶୁଶ୍ରୁଷା କରିବା, ଅନୁକମ୍ପା ଓ ଆଶ୍ୱାସନା ମାଧ୍ୟମରେ ମଣିଷର ଯେ ଉଧାର ସମ୍ଭବ ଏହା ମଧ୍ୟ କୋଟି କୋଟି ଲୋକ ଉପଲବ୍ଧି କଲେଣି। ସତ୍ୟସାଇଙ୍କ ପ୍ରଦତ୍ତ ବାଣୀ 'ମାନବ ସେବା ହିଁ ମାଧବ ସେବା'କୁ ଆଧାର କରି ସେବା କରୁ କରୁ ଦିନେ ମଣିଷ ଉପଲବ୍ଧି କରିବ ଯେ ମାନବ ହିଁ ମାଧବ, ମଣିଷ ହିଁ ଭଗବାନ। ସେ କେବଳ ଏତିକିରେ ଅଟକି ଯିବନାହିଁ ମଣିଷ ସହ ସୃଷ୍ଟିର ପ୍ରତ୍ୟେକ ଜୀବ ଠାରେ ଈଶ୍ୱର ସତ୍ତା ବିଦ୍ୟମାନ, ସେ କ୍ଷେତ୍ରରେ ଆମ କର୍ତ୍ତବ୍ୟ କ'ଣ ତାହା ମଧ୍ୟ ଅନୁଭୂତିରେ ଆସିଯିବ। ଏହି ଆଧ୍ୟାତ୍ମିକ ଜ୍ଞାନ ମଣିଷକୁ ମଣିଷ ଜନ୍ମର ଗୁରୁତ୍ୱ ଓ ଏ ଜନ୍ମର ସାର୍ଥକତା ବାବଦରେ ସଚେତନ କରିଦେବ। ଛୋଟିଆ ଛୋଟିଆ ସେବା କରୁ କରୁ ସ୍ୱର୍ଗ ଆସି ହାତପାହାନ୍ତାରେ ମିଳିଯିବ ଏହା ହିଁ ସତ୍ୟସାଇଙ୍କ ବାଣୀ ଓ ଉପଦେଶରେ ଅନ୍ତର୍ନିହିତ ତାତ୍ପର୍ଯ୍ୟ। ମଣିଷ ଜନ୍ମ ହୋଇପଡ଼ିଲା ମାତ୍ରେ ପରିବାର ପ୍ରତି ଋଣୀ ହୋଇପଡ଼େ। ବହୁ ଲୋକଙ୍କ ବହୁ ପ୍ରକାର ସେବା ଓ ସାହାଯ୍ୟ ଲାଭ କରି ବଢ଼େ, ନିଜ ପରିଚୟ ସୃଷ୍ଟି କରେ, ନିଜ ଗୋଡରେ ନିଜ ଦଣ୍ଡାୟମାନ ହୁଏ, ଜୀବନର ଅନ୍ତିମ ପର୍ଯ୍ୟାୟ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଠାରୁ କିଛି ନା କିଛି ପ୍ରକାର ସାହାଯ୍ୟ ଓ ସେବା ପାଇଥାଏ। ସାଧାରଣ ନିୟମ ଅନୁସାରେ ସେ ଋଣମୁକ୍ତ ହେବା ପାଇଁ ସମାଜର ଓ ପରିବାରର ସେବା କରିବା ଉଚିତ। ଯଦି ଜଣେ ଆଧ୍ୟାତ୍ମିକ ପାରଦର୍ଶିତା ଆଶା କରୁଥାଏ ତାହାକୁ ଅଧିକରୁ ଅଧିକ, ଅଧିକ ପ୍ରେମର ସହିତ, ଅଧିକ ଆନନ୍ଦଦାୟକ, ଅଧିକ କାଳ ପାଇଁ ସ୍ଥାୟୀ ସେବା ପ୍ରଦାନ କରିବାକୁ ହୁଏ। ଅଳ୍ପରୁ ଆରମ୍ଭ କରି ଅଧିକରେ ପହଞ୍ଚିବା ସମ୍ଭବ। ଧୈର୍ଯ୍ୟ ଓ ପ୍ରାର୍ଥନା ଏଥିପାଇଁ ଆମକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇବ। ଭଗବାନ ବାବାଙ୍କର ଏହି ବାଣୀ ଉପରେ ଆସ୍ଥା ଓ ବିଶ୍ୱାସ ରଖି ଚରୈବେତି ଚରୈବେତି ନୀତିରେ ଅଗ୍ରସର ହେବା ବିଜ୍ଞତାର ପରିଚୟ ହେବ। ସର୍ବୋପରି ପ୍ରଭୁ କୃପା ଆମର ସହାୟ ହେଉ, ବାଟ କଢ଼ାଇ ନେଉ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ' ଅଲିଶା ବଜାର, କଟକ, (ମୋ) ୯୩୩୭୨୪୨୯୫୫

# ଅନ୍ଧ ମଣିଷ

## ଅଲେଖ ଚନ୍ଦ୍ର ସାମଲ



ଆଜିର ମଣିଷ ଅହଂ ରୂପକ କାରାଗାର ମଧ୍ୟରେ ବନ୍ଦୀ। ଜ୍ଞାନହୀନ ହୋଇଥିବା ସତ୍ତ୍ୱେ ସେ ନିଜକୁ ସବୁଠାରୁ ଜ୍ଞାନୀ ମନେକରେ। ପରିବେଶ ଏବଂ ପରିସ୍ଥିତିରୁ କିଛି ଶିଖେନାହିଁ। ପରିଣାମ ସ୍ୱରୂପ ବିଶ୍ୱ ରସାତଳଗାମୀ ହେବାରେ ଲାଗିଛି। କାହାଣୀଟିଏ ଶୁଣିବା ହେଉ। ବଣରେ ରହୁଥିଲେ ଗୋଟିଏ କାଠହଣା ଦମ୍ପତି । ପୁରୁଷ କାଠହଣା ନିଜ ଜୀବନକୁ ନେଇ ସନ୍ତୁଷ୍ଟ ଥିଲା। ତେବେ ମାଈ କାଠହଣା ଥିଲା ଉଚ୍ଚାଭିଳାଷିଣୀ। ଦିନେ ସେ ନିଜର ପୁରୁଷକୁ କହିଲା, ଆହେ ଶୁଣୁଛ, ଏହି ଜଙ୍ଗଲର ବୃକ୍ଷ କଣା କରି କରି ବିରକ୍ତ ଲାଗିଲାଣି। ଚଞ୍ଚୁ ଦୈନିକ ଏକ ପ୍ରକାରର ସ୍ୱାଦ ଆସ୍ୱାଦନ କରୁଛି। ଅନ୍ୟ ଜଙ୍ଗଲର ସନ୍ଧାନ ନିଅ। ପୁରୁଷ କାଠହଣାର ଦୂରକୁ ଯିବା ପାଇଁ ଇଚ୍ଛା ନଥିଲା। ସେ କହିଲା, ମୁଁ ଶୁଣିଛି, କୋଶେ ବାଟ ଦୂରରେ ଥିବା ଜଙ୍ଗଲର କାଠ ଭାରି ଟାଣ। ଚଞ୍ଚୁ ଭାଙ୍ଗିଯାଇପାରେ। ମାଈ କାଠହଣା ଜିଗର କରି କହିଲା, ନ ଗଲେ ଜାଣିବ କିପରି ? ଉଦ୍ୟମ ନକଲେ ବୁଝିବ କିପରି ? ପ୍ରାଣପ୍ରିୟା ପତ୍ନୀର କଥା ଭାଙ୍ଗି ନପାରି କାଠହଣା ବାହାରିଲା। ପାଖ ଜଙ୍ଗଲରେ ପହଞ୍ଚିବା ବେଳକୁ ବର୍ଷା ଆସିଲା। ଦୈବକୁ କାଠହଣା ବସିଥିବା ଗଛ ଉପରେ ବଜ୍ର ପଡ଼ିଲା।

ଠିକ୍ ସେହି ମୁହୂର୍ତ୍ତରେ ଚଞ୍ଚୁ ଦ୍ୱାରା ଗଛ ଉପରେ ପ୍ରଥମ ଆଘାତ ବସାଇଥାଏ କାଠହଣା। ବଜ୍ର ପ୍ରଭାବରେ ଭୂତଳଶାୟୀ ହେଲା ଗଛ। କାଠହଣା ବାପୁଡ଼ା ବୁଝିଲା, ତାହା ସମ୍ଭବ ହୋଇଛି ତା ଚଞ୍ଚୁର ଆଘାତ ଯୋଗୁଁ। ସେ ପୁଲକିତ ହୋଇ ସୁଖବର ଶୁଣାଇବା ପାଇଁ ଚାଲିଲା ସ୍ତ୍ରୀ ପାଖକୁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ ଆମ୍ଭ ମାନଙ୍କୁ ମାର୍ଗଦର୍ଶନ କରି କହିଛନ୍ତି - 'ଅନେକ ମଣିଷଙ୍କ ଅବସ୍ଥା ସେହି ଅନ୍ଧ କାଠହଣା ପରି। ନିଜ ଭିତରେ ମଣିଷ ହଜିଯାଇଛି। ବାହାର କଥା ଦେଖିବାକୁ ଏବଂ ବୁଝିବାକୁ ସାମର୍ଥ୍ୟ ହରାଇସାରିଛି। ଆଉ ଅହଂମୁକ୍ତ ନ ହେଲେ, ଅଜ୍ଞାନ ଅନ୍ଧକାର ମଧ୍ୟରୁ ନ ବାହାରିଲେ ପତନ ଅବଶ୍ୟମ୍ଭାବୀ।'

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

## କବିତା କୋଣାର୍କ

# ଲକ୍ଷ୍ୟଚ୍ୟୁତ ଜୀବନ

## ସଦାଶିବ ବିଶ୍ୱାଳ



ଲକ୍ଷ୍ୟ ଜୀବନର ଏକ ଦିଶା<br>
ଦୃଷ୍ଟିକୋଣ ପ୍ରଦାନ କରେ<br>
ଲକ୍ଷ୍ୟଶୂନ୍ୟ ଜୀବନର ଦଶ, ଦିଶା<br>
ବାଟବଣା ହୋଇଯାଇ ପାରେ

ଲକ୍ଷ୍ୟବିହୀନ ମଣିଷ<br>
ସଦା ସଫଳତା, ସମୃଦ୍ଧିରୁ ବଞ୍ଚିତ<br>
ନିଜତ୍ୱ ଅନ୍ତଃକରଣସ୍ଥ ଲୁକାୟିତ କ୍ଷମତାକୁ<br>
ପରିମାର୍ଜିତ କରିବାରେ ଅସମର୍ଥ

ଜୀବନେ ନ ଥାଏ ନୂତନତ୍ୱ,<br>
ଉପଲବ୍ଧି, ଉର୍ଜା ଶକ୍ତି<br>
ନିଶ୍ଚିତଗନ୍ତବ୍ୟ ବିନା<br>
ଦୋଛକିରେ ଠିଆ ବ୍ୟକ୍ତି

ଲକ୍ଷଚ୍ୟୁତ ମନୁଷ୍ୟ ଜୀବନ<br>
ସଦାସର୍ବଦା ଗନ୍ତବ୍ୟବିହୀନ<br>
କୌଣସି ସାର୍ଥକତା ନ ଥାଏ<br>
ନାବିକହୀନ ନଉକାର ଜୀବନ

ଛୋଟ ହେଉକି ବଡ଼<br>
ଜୀବନେ ଲକ୍ଷ୍ୟ ଜରୁରୀ,<br>
ଲକ୍ଷ୍ୟ ବିନା ଜୀବନ କଟେ ସିନା<br>
ଅବସ୍ଥା,ନାଆ ବିହୁନେ ନାଉରି

କଷ୍ଟ ଏଣ୍ଡ ମ୍ୟାନେଜମେଣ୍ଟ ଆକାଉଟାଣ୍ଟ<br>
ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ<br>
ମୋହନଦାସ ଏନକ୍ଲେଭ<br>
ଖଣ୍ଡଗିରି, ଭୁବନେଶ୍ୱର

# ସୁନାର ଭାରତ ଗଢିବା

## ଜଗଦୀଶ ସାହୁ



ବରଷକେ ଥରେ ଫଗୁଣ ମାସରେ<br>
ମହା ଶିବରାତ୍ରୀ ପାଳିବା<br>
ଭାବ ଭକତିରେ ଶିବ ମନ୍ଦିରରେ<br>
ଘିଅ ଦୀପଟିଏ ଜାଳିବା ! ଦୀପର<br>
ଧରମ ନାଶକରି ତମ<br>
ଆଲୋକ ପ୍ରଦାନ କରିବା<br>
ଆମେ ପାଠପଢି ଅଜ୍ଞାନତା ଫେଡ଼ି<br>
ଜ୍ଞାନଦ୍ୱୀପ ଜାଳି ପାରିବା !<br>
ପ୍ରଭୁ ଆଶୁତୋଷ ହୋଇଲେ ସନ୍ତୋଷ<br>
ସୁନାର ଭାରତ ଗଢିବା<br>
ଶିକ୍ଷା ସ୍ୱାସ୍ଥ୍ୟ ଧନ ଗମନାଗମନ<br>
କ୍ଷେତ୍ରରେ ଆଗକୁ ବଢ଼ିବା !<br>
ସୀମାନ୍ତରେ ରହି ଡରିଯିବା ନାହିଁ<br>
ଶତ୍ରୁସୈନ୍ୟ ସଙ୍ଗେ ଲଢ଼ିବା<br>
ମହା ଶିବରାତ୍ରୀ ଯୋଗାଇବ ଶକ୍ତି<br>
ଶିବ ପଞ୍ଚାକ୍ଷର ପଢିବା !<br>
ସମାଜର ହିତ ହେଉ ଆମ ବ୍ରତ<br>
କଥାଟି ମନରେ ରଖିବା<br>
ଶିବଙ୍କ ଦୟାରେ ଜୀବ ଗଲାପରେ<br>
କୈଳାଶରେ ସ୍ଥାନ ପାଇବା !

ସଂଜପଡା, ହିନ୍ଦୋଳ<br>
ଢେଙ୍କାନାଳ,୭୫୯୧୨୮<br>
ମୋ :-୯୦୭୮୧୮୫୬୧୬

## ଦଶଟି ଏକପଦୀ
### ଭରତ ଚନ୍ଦ୍ର ଦାଶ

|| ଏକ ||
ମନଶ୍ଚକ୍ଷୁରେ ମୁଁ ଦେଖେ ତୁମ ରୂପ
ଉଦାର ଆଖିର ଭାଷା
ଯେତେ ପଢୁଥିଲେ ନୂଆ ଲାଗେ ମୋତେ
ପ୍ରୀତି'ର ପ୍ରଣୟ ନିଶା ।

|| ଦୁଇ ||
ଗୋରା ଦେହ ତୁମ କୃଷ୍ଣ ବାସ ରଙ୍ଗେ
ଚହଟ ଚିକ୍କଣ ଦିଶେ
ମୋ ହୃଦୟ ସହ ତୋ ହୃଦୟ ସଖି
ଆଖିରେ ଆଖିରେ ମିଶେ ।

|| ତିନି ||
ଆଖିରେ ତୁମର କଜ୍ଜଳର ରେଖା
ଅଧରେ ରକ୍ତିମ ଆଭା
ଗୋରା ଗାଲେ ତୁମ ଅସଜଡା କେଶ
ପ୍ରଣୟୀର ପ୍ରାଣଲୋଭା ।

|| ଚାରି ||
ଆଖିର ଭ୍ରୂଲତା କହେ ମନ କଥା
ଅଧରେ ହୃଦୟ ଭାବ
ଗୋରା କପାଳରେ ସୁନୀଳ ତିଳକ
ପ୍ରଣୟୀରେ ଅନୁଭବ ।

|| ପାଞ୍ଚ ||
ସୂକ୍ଷ୍ମ କୃଷ୍ଣ କେଶ ଆଖିର ବିନ୍ୟାସ
ସ୍ନିଗଧ ତନୁକୁ ଛୁଏଁ
ଦେହ ଛୁଇଁବାକୁ ପ୍ରଣୟୀ ପ୍ରାଣରେ
ଆଖି ହିଁ ସନ୍ଦେଶ ଦିଏ ।

|| ଛଅ ||
ଗୋଲାପକୁ ନିନ୍ଦେ ଗୋରା ଗାଲ ତୁମ
ରତି-ପତି-ନିନ୍ଦେ ଆଖି
ଉର୍ବଶୀକୁ ନିନ୍ଦେ ଉରଜ ଯୁଗଳ
ପ୍ରଣୟୀ ପ୍ରଣୟେ ସାକ୍ଷୀ ।

|| ସାତ ||
ତନୁଶ୍ରୀ ସୁରଭି ମୋ ପ୍ରାଣରେ ସଖି
ରଜନୀଗନ୍ଧାର ବାସ
କୃତ୍ରିମରେ କିଆଁ ମନ ବଳାଉଛ
ପ୍ରଣୟୀ ପ୍ରଣୟେ ରାସ ।

|| ଆଠ ||
କୋମଳାଙ୍ଗୀ ତୁମ କଅଁଳ ହାତରେ
ଲାଲ ମେହେନ୍ଦୀର ଶୋଭା
ଅପଲକ ନେତ୍ରେ ନିରବ ଓଠର
ଅବ୍ୟକ୍ତ ପ୍ରାଣର ଆଭା ।

|| ନଅ ||
କେମିତି କହିବି ମୋ ହୃଦୟେ ତୁମେ
ସ୍ପନ୍ଦନେ ଝଙ୍କାର ସ୍ୱର
ପ୍ରତି ମୁହୂର୍ତ୍ତରେ ସୃଜନର ସ୍ୱପ୍ନ
ଶବ୍ଦାକ୍ଷରେ ଦିବ୍ୟ ଝର ।

|| ଦଶ ||
ମୋ କୃଷ୍ଣ ତମାଳ ମୋ ହୃଦୟେ ମାଳ
ହୃଦ ଉପବନେ ଫୁଟେ,
ତୁମେ ମୋର ପ୍ରିୟ ତୁମେ ମୋ ପ୍ରଣୟ
ସୁରଭି ସୌରଭେ ଛୁଟେ ।

+ ସଚିବ, ସୃଜନ ଶ୍ରୀକ୍ଷେତ୍ର, ମାର୍କୋଣା
ବାଲେଶ୍ୱର - ୭୫୬ ୧୨୬
(ମୋ) ୮୯୮୪୪୩୯୧୬୬

## ମୃଗତୃଷ୍ଣା
### ରତ୍ନାକର ରାଉତ

ସେ ମୋ ସହିତ ଅଛି ବୋଲି ମୁଁ ଜାଣିଛି
ତେଣୁ ମୁଁ ଅଲଗା
ମୋ ଭିତରେ ତିଳେମାତ୍ର ଭୟ ନାହିଁ
ସେଥିପାଇଁ ମୁଁ କାହାକୁ ଡରେନି
ଏପରିକି ମୃତ୍ୟୁକୁ ମଧ୍ୟ ମୁଁ ଖାତିର କରେନି ।

କାହିଁକି ଖାତିର କରିବି ତାକୁ
ଯହାର ଶୀତଳ କୋଳରେ
ମୁଁ ଅଚେତନରେ ବିତେଇଛି
ପାଖାପାଖି ଛଅ ମାସ ସମୟ
ଉଣେଇଶଶହ ଅଶୀ ମସିହା
ମଧ୍ୟ ଜୁନରୁ ନଭେମ୍ବର ତୃତୀୟ ସପ୍ତାହ
ମୋ ସହ ଜଡ଼ିତ ପ୍ରାୟ ସଭିଏଁ ଜାଣନ୍ତି ଏ ସତ୍ୟ
କହିପାରିବେ ସେମାନେ
କି ଦାରୁଣ ବିପର୍ଯ୍ୟୟରେ
ପୀଡ଼ିତ ଥିଲା ମୋର ସେ ବିତିଲା ଜୀବନ ।

କେମିତି ମୃତ୍ୟୁ କୋଳରେ ଶୋଇରହି
ଏତେ ଦୀର୍ଘ ସମୟ ସଂପୂର୍ଣ୍ଣ ମୂର୍ଚ୍ଛିତ ସଞ୍ଜ୍ଞାହୀନ
ହଠାତ୍ ଆଖିଖୋଲି ଝାଡ଼ିଝୁଡ଼ି ହୋଇ
ଉଠିବସିଲି ଡାକ୍ତରଖାନା ବେଡ୍ ଉପରେ ଦିନେ
ଯେପରି ଗତ ରାତିରେ ଶୋଇଥିଲି
ଉଠିଲି ଆଖି ମଳିମଳି
ସକାଳେ ସକାଳେ ଗଭୀର ନିଦରୁ ।
ଯିଏ ମୋ ଭିତରେ ଥିଲା ଏତେ ଦୀର୍ଘ ସମୟ
ମଉନ ହୋଇ ନିରବରେ
ମୋତେ ହୁଏତ ପରୀକ୍ଷା କରୁଥିଲା
ମୁଁ ତା ପରୀକ୍ଷାରେ
ଉତ୍ତୀର୍ଣ୍ଣ ହୋଇପାରୁଛି କି ନାହିଁ
ମୁଁ କେତେ ଦୃଢ଼, ସ୍ଥିର ଓ ଅବିଚଳିତ
ସେ ମୋତେ ସୁଯୋଗ ଦେଲା
ମୁଁ ମୃତ୍ୟୁଲୋକରୁ ଫେରିଆସିଲି ଅବିକଳ
ଯେପରି ମୋ ସହିତ କିଛି
ଅଘଟଣ ଘଟି ନ ଥିଲା ।

ସେ କଣ କେଉଁଠି ବାହାରେ
ଜଗି ବସିଥିଲା ଅନ୍ତରାଳରେ
ମୋତେ ଲେଉଟାଣି ଆସିବାରେ ସାହାଯ୍ୟ କଲା
ଅବା ନିଭୃତରେ ମୋ ଭିତରେ
ସଦୟ ଉପସ୍ଥିତ ଥାଇ
ମୋତେ କିଏଁଇ ରଖିଥିଲା
ସେହି ମୁମୂର୍ଷୁ ଅବସ୍ଥାରେ ଏତେକାଳ ?

ସେ ଯେତେବେଳେ
ମୋ ଭିତରେ ଅବସ୍ଥାନ କରୁଥିବାର
ମୁଁ ପ୍ରତିନିୟତ ଉପଲବ୍ଧି କରୁଛି
ମୁଁ ତାକୁ ଖୋଜିବାକୁ କାହିଁକି କୁଆଡ଼େ ଯିବି
କେବଳ ମୋ ନିଜ
ଦେହ ଦେଉଳକୁ ସୁରକ୍ଷା କରିବା
ମୋର ଏକାନ୍ତ ଦାୟିତ୍ୱ
ଯେ ଯାବତ୍ ସେ ମୋ ଭିତରେ
ଆସ୍ଥାନ ଜମେଇ ରହିବାକୁ ଚାହେଁ
ମଇଳା ପୋଷାକ ବଦଳେଇବା ପାଇଁ
ଅପେକ୍ଷାରେ ରହିବା ପରି
ମେଳା ଫେରନ୍ତା ଯାତ୍ରୀ ।

ମୋ କାମରେ ମୁଁ ଅବିରତ ବ୍ୟସ୍ତ
ତା ପ୍ରେରଣାରେ
ତାର ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ
ତୁ ଯୁଆଡ଼େ ଯାଉଛୁ ଯାଆ, ତାହା ତୋର ଇଚ୍ଛା
ତୁ ମୁକ୍ତ, ବଂଧନହୀନ, ସଂପୂର୍ଣ୍ଣ ସ୍ୱାଧୀନ
ମାତ୍ର ମୋହ ମଦର ଭ୍ରାନ୍ତିରେ
ନିଜ ଭିତରକୁ ଦେଖିବାକୁ
ଅବହେଳା କରିବୁନି କଦାଚିତ୍
ନଚେତ୍ ମରୁଭୂମିର ପଥିକ ଯେଉଁ ଭ୍ରମରେ
ଆପଣା ବିନାଶ ଆପଣାଏ
ସେହିଭଳି ସଂସାର ମରୁଭୂମିରେ
ମୃଗତୃଷ୍ଣା ପଛରେ ଦଉଡ଼ି ଦଉଡ଼ି
ତୃଷାତ' କେବେ ମେଣ୍ଟିବ ନାହିଁ ତୋର
ବରଂ ଆପଣା ଭ୍ରମର ଭୟାନକ ପରିଣତି
ଜୀବନ ବିନାଶକ ହୋଇପାରେ
ତୋ ପାଇଁ କେବେକେବେ
ଏଥିପ୍ରତି ଯତ୍ନବାନ ଥିବୁ ସବୁବେଳେ
ମନରେ ହେଜିହେଜି
" ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍" ।

+ ଭୁବନେଶ୍ୱର

## ଶୀତ
### ରବି କୁମାର ମହାନ୍ତି

ତୁମେ ବେଶ୍ ପ୍ରେମ କରିପାର ଶୀତ
ସହଜରେ ଭାବ ଯୋଡ଼ି
ରାତିକୁ ସ୍ୱପ୍ନ ମୟ
ଏବଂ ସ୍ୱପ୍ନ ସବୁକୁ ନାଆ କରି
ଭସେଇ ପାର କୁହୁଡ଼ି ସୁଅରେ
ତୁମ ଆଲିଙ୍ଗନର ଚମତ୍କାରିତା ରେ
ମୁଗ୍ଧ କରିପାର
ଦେହ ରୁ ସୃଜନର ଶୃଙ୍ଗାର ଯାଏ
ନଈ ପଠାରୁ ନିଦର ନୀଳ ନୀଳ ନଅର
ତୁମ ଗାଢ଼ ସାନ୍ନିଧରେ ଜୀବନ୍ୟାସ ପାଏ ।

ଶୀତ ତୁମେ
ଏକାଠି କରି ପାର ଅଲଗା ଦିଶୁଥିବା
ଦେହର ଚିତ୍ର ସବୁକୁ
ଗୋଟିଏ ଛାତିର ଛାତ ତଳେ
ଫେଣ୍ଟି ପାର ଅଲଗା ରଂଗ ବୋଳି
ହୋଇଥିବା
ଇଚ୍ଛା ମାନଙ୍କୁ
ଗୋଟିଏ ଚୁମାର ତୁଳିରେ
ତୁମ ପ୍ରେମୀକପଣର ତୁଳନା ନାହିଁ
ନିଃଶ୍ୱାସ ମାନେ
ଅନେକରୁ ଏକ ହେଲା ବେଳେ
ଯେଣୁ ତୁମେ ଝୁଲିପାର
ବିନ୍ଦୁ ବିନ୍ଦୁ ଝାଳର ଦୋଳିରେ ।

ତୁମେ ଖୁବ୍ ଖୁସି ହୁଅ
ଇତସ୍ତତଃ ପଡିଥିବା ପୁଲକ ମାନଙ୍କୁ
ଗୋଟେଇ ଆଣି
ସଜେଇବାରେ ଗୋଟିଏ ସ୍ତବକରେ
ବିଭୋର ହୁଅ
ବୀରହରେ ଝଡି ପଡୁଥିବା
ଶୋଷର ପତ୍ର ସବୁକୁ ସାଉଁଟି ଆଣି
ଗୁନ୍ଥି ଦେବାକୁ ପଲକରେ ।

ଶୀତ ତୁମେ ମିଳନର ମହୋତ୍ସବ
ରାତି ଶେଷ
କାକର କୁଞ୍ଚରେ
ତୁମେବି ତ ଲାଖି ଥାଅ
ନରମ ଖରାରେ ଘାଲେଇ ପଡ଼ିଥିବା
ଓଦା ଚିବୁକରେ
ଆମୋଦିତ ହୋଇପାର ତୁମେ
ଭୋକିଲା କବି ଟିଏ ଶୋଇଗଲେ
ଗହମ ନିଦରେ
ନିଜ ଗଢା ଶବ୍ଦ ପଲଙ୍କରେ ।

+ ମାତୃନୀଡ଼, କମାରିଆ,ଜି- ଭଦ୍ରକ
(ମୋ) ୭୦୬୪୭୭୮୨୪୭

## ଗପୁଡି ବୁଢୀ
### ସୁଜିତ କୁମାର ମିଶ୍ର

ଘରେ ଘରେ ଗପୁଡି ବୁଢୀର
ଯୁଗ ସରିଗଲା କି,

ଦିନେ ଥିଲା ସେ ଶଂଖଧ୍ୱନି
ଅନ୍ତରଗଂତାର ଛୁଆଁରେ
ଦରଦୀପଣର ମଳୟକୁ ମାଖି ।

ତା ମମତାର ସ୍ୱର
ଉଦାରର ଝର
ବାସ୍ନା ବର୍ଷା ପରି,
ଗାଲରେ ଚୁମ୍ବନ ଦେଇ
ସେ ଚିରକାଳ କରେ ଋଣୀ,
ବାର୍ଦ୍ଧକ୍ୟ ବାରି ହେଉଥିଲେ ବି
ସେ ପ୍ରେମ ପଲ୍ଲବିତ
ଆମ ଜୀବନରେ ଏକ ଆକର୍ଷଣୀୟ ରାଣୀ ।

ସବୁ ଋତୁରେ ସେ ଦେବୀ
ଶରତ ଜହ୍ନର କିରଣ,
ଉଦାସୀ ଉଦାସୀ ପ୍ରାଣରେ ବି
ବସନ୍ତ ମଳୟ ସମ
ଉଲ୍ଲସିତ ଉଚ୍ଚାରଣ,
ଥରେ ଆଖି ଖୋଲି ତା ଛାତିକୁ ଦେଖ
ଅନୁଭବିବ ସେ ମଧୁର ସ୍ପନ୍ଦନ ।

ଗପୁଡି ବୁଢୀର ଗପ ତ ସ୍ନେହ ବୋଳା ମୋହ,
ଯାହାକୁ ଦେଖିଲେ ନିରୋଳାରେ ଡାକି ଗପେ,
ହାତ ବୁଲେଇ ଆଣେ,
ରୁଦ୍ରତାତିରେ ଜର୍ଜରିତ ଦେହକୁ
ଛୁଇଁଯାଏ ତା ଛୁଆଁ,
ସତେ ସେ ଛୁଆଁ
ତାଳପତ୍ରର ବିଞ୍ଚଣାର ପବନ,
ସେଇଥିପାଇଁ ତ ତା ଆଲିଙ୍ଗନକୁ
ଆଦରି ନେବାକୁ ଇଚ୍ଛା ହୁଏ ଘନଘନ,
ଗପୁଡି ବୁଢୀ ଅକପଟ ରାଇଜରୁ
ଆସିଥିବା ଏକ ଛଳଛଳ ଛୁଆ ।

ଏବେ କ୍ଷତାକ୍ତ ସେ
କୃତଘ୍ନ ଆଖିର ରୋଷରେ,
ଅନ୍ଧକାରରେ ଶେଜରେ ଶୋଇ
ନଇଁ ଯାଇଛି ତା ଅଣ୍ଟା,

ତା ଗପ ସବୁ ସଭିଙ୍କ ପାଇଁ
ସମୟର ଉପେକ୍ଷିତ କଣ୍ଟା,
ଯେଉଁ କାନ୍ଥରେ ଲେପିଥିଲା ସେ ଝୋଟିଚିତା
ତାହା ଏବେ ତମାମ୍ ଫିକା,
ଅନ୍ତରର ନୀରବ କୁହାଟରେ
ନିଜ ଭିତରେ ନିଜେ ଏକ
ଶ୍ୱାସରୁଦ୍ଧ ଘନଘଟା ।

ଏବେ ଗପୁଡି ବୁଢୀ କାହିଁ ଯେ
ଘରେଘରେ ?
ଉତ୍ତରପିଢିର ଆଧୁନିକତାର
ସ୍ୱାର୍ଥର ବେତମାଡରେ
ସେମାନେ ଲଟକିଛନ୍ତି
ବାକିତକ ଆୟୁଷକୁ ନେଇ
ଶେଷତୀର୍ଥର ଜରାଶ୍ରମରେ,
କେଉଁ ଲେଖନୀ ମୂକ କରିପାରିଛି କି
ଉଦ୍ଧାର ଏ ଅବହେଳିତ ବର୍ଗଙ୍କୁ
ଲଳିତ ଛନ୍ଦର ଆହ୍ୱାନରେ ?

ବୈଭବଶାଳୀ ଗପୁଡି ବୁଢୀ
ଏବେ ଘୋଡିଘାଡି ହୋଇ ପଡିଥିବା
ଶବର ନୀରବ ନାଡି ।

ସମୟର ଲଘୁଚାପ ଗୁରୁଚାପରେ
ଗପୁଡି ବୁଢୀ, ଯିଏ ଥିଲେ
ମଧୁର ନଈଘାଟ
ସେମାନେ ଏବେ ଅସ୍ତରାଗର ଦୃଶ୍ୟ,
ତାଙ୍କ ମଧୁର ଆଳାପ ବି
ବୈଶାଖର ତାଡ଼ନାରେ
ଆହାଃ କେତେ ଅସ୍ପୃଶ୍ୟ ?

ଗପୁଡି ବୁଢୀ ଗଢେ କୋଣାର୍କ
ତା ଛାତିକୁ ଚିରି,
ଅଦୃଶ୍ୟ ଚିତ୍ରପଟ୍ଟରେ ତା ଅବଶିଷ୍ଟ ଅବଶୋଷ
ପାନ୍ଥଶାଳାର ରାତ୍ରି ଜଗୁଆଳି ପରି ।

ଅନ୍ଧକାର ଘରକୁ ଚିରକାଳ
ଆଲୋକିତ କରୁଥିବା ଗପୁଡି ବୁଢୀ
ଆଉ କେବେ ହେବ
ଆଦରର ଜିଅନ୍ତା ଠାକୁରାଣୀ ?

+ ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
(ମୋ) ୭୬୮୩୮୬୭୭୪୨

## ଶୀତ ଏକ ପ୍ରେମ ଋତୁ
### ତପନ ସାହୁ

ମୋର ଶୀତ ଋତୁକୁ ଭଲ ପାଇବାର ସେମିତି
କିଛି କାରଣ ନାହିଁ
ତଥାପି ମୋର ପ୍ରିୟ ଋତୁ ଶୀତ
କାହିଁକି ନା ତା ସହ ଦେଖା ହୋଇଥିଲା
ଶୀତ ସନ୍ଧ୍ୟାର କୁହୁଡ଼ିଆ ପାଗରେ ।

ସେଦିନ ତା ସ୍ପର୍ଶରେ ଥିଲା
ଶୀତକୁ ସମୂଳେ ନଷ୍ଟ କରିବାର ମନ୍ତ୍ର
ତା' ଚାହାଣୀରେ ଥିଲା
ନିଜକୁ ତା' ପାଖେ ହଜେଇ ଦେବାର ସୂତ୍ର
ତା' ଆଲିଙ୍ଗନରେ ଥିଲା
ନିଜକୁ ନିଜଠୁ ମୁକୁଳେଇ ତା' ସହ ମିଶେଇ
ଦେବାର ପ୍ରେମାସ୍ତ୍ର ।

ଏବେ...
ଏ ଶୀତ ଋତୁ ଆସିଲେ
ଜଳିଯାଏ ଆକାଶ
ଜଳେ ଜହ୍ନ, ଜଳେ ପୃଥିବୀ
ଜଳେ ଓଠ, ଜଳେ ଦେହ
ଜଳେ ପୁଣି ମନ ।

ଏବେ ଶୀତ ଶିଶିରରେ
ଲିଭିପାରେନା ମନ ତଳ ନିଆଁ
କୁହୁଡିରେ ଏବେ ଝାପ୍ସା ଝାପ୍ସା ତା' ମୁହଁ ।

ଶୀତ ଯେବେ ପାଦରେ ପାଉଁଜି ପିନ୍ଧି
ମୋ ବାଲକୋନିରେ ନାଚେ
ମୁଁ ସିନ୍ଧୁକ ଖୋଲି ତା' ପାଇଁ କିଣିଥିବା ପାଉଁଜି
କାଢି ଦେଖେ
ମନେମନେ ଭାବେ
ସବୁ ପାଉଁଜି ପିନ୍ଧେଇ ହୁଏନା ପାଦରେ ।

ଶୀତ ଯେବେ
ମୋତେ କଣେଇ କଣେଇ ଚାହେଁ
ମୋ ଆଖିରୁ ଲୁହଝରେ
ମାଟିରେ ପଡେ, ମାଟି ଜଳେ
ଏବେ ସେ ବି ଜଳେ ମୁଁ ବି ଜଳେ ।

ଶୀତ ଆସିଲେ
ତା' କଥା ଖୁବ୍ ମନେ ପଡେ...

+ ବେଲଗାଁ, ମ.ରାମପୁର
କଳାହାଣ୍ଡି, (ମୋ) ୯୦୧୯୩୧୧୮୬୮

## ଅଚିହ୍ନା ପକ୍ଷୀ
### ଶୁଭସ୍ମିତା ତ୍ରିପାଠୀ

ମୁଁ ସେଇ ଅଚିହ୍ନା ଧୂସର ପକ୍ଷୀକୁ କହେ
ଆଙ୍କନା ସୂର୍ଯ୍ୟ, ଭେଦ କରନା ବାଦଲ
କି ଯାଅନା ପରଦେଶ

ସେ ସବୁଥର ହାଲ୍କା ନୀଳରଙ୍ଗର
ଡିସେମ୍ବର ଫୁଲରୁ ଗୋଛେ ଆଣିଦେଇ
ହସି କହେ
'ମୋର ଛାତ ନାହିଁ,
ସାରା ଆକାଶ ମୋର ଘର... !'

ମୁଁ ତାକୁ ମନାକରେ ସବୁଥର
ଆଉ କାହାଲାଗି ଗାଅନା ଗୀତ,
ଡାକନା ବର୍ଷା,ଗୁନ୍ଥନା ଫୁଲ,
କି ବସା ଭିତରେ ବିଛାଅନା
କଅଁଳ ସବୁଜ ଦୁବ,

ଖୋଜନା ଆଉ କାହାର ପାଉଁଜିରୁ
ଖସି ପଡିଥିବା ଝୁମକା

ବର୍ଷା ଆସିଲେ ଆଉ କାହାକୁ ଦେଖାଅନା
ଓଦା ହେଉଥିବା ଜହ୍ନ,ଲାଜ କରୁଥିବା କଇଁ,
ଗୋଟାଅନା ଆଉ କାହାଲାଗି
ଶୁଖିଲା ମାଟିର ବାସ୍ନା,
କି ଡେଣା ତଳରେ ଆଉଁସି ଦିଅନା
ଆଉ କାହାର ଶୀତରେ ବତୁରା ସଞ୍ଜ,
ଗାଅନା ଆଉ କାହା ଗୀତ ଖାତାର ଗୀତ

ସେ ହସିଦେଇ କହେ,
'ଯାଯାବରର ମୋହ ନାହିଁ, ମାୟା ନାହିଁ
ମୁଁ ବୁଝେନା ମିଛମିଛ ଥକିଯିବା
କି ମୋ ପତ୍ରର କାନଭାସରେ ଆଙ୍କେନା
ଏମିତି ସ୍ୱପ୍ନ ରଙ୍ଗର
ଛନ୍ଦିହେବା ଆବେଗ ଯାକ !'

+ ବ୍ରହ୍ମପୁର, ଗଞ୍ଜାମ
(ମୋ) ୮୪୮୦୮୬୭୧୯୦

## ପ୍ରିୟତମା ମୋର
### ପ୍ରଶାନ୍ତ କୁମାର ଦାଶ

ପ୍ରିୟତମା ତମେ ମୋମନ ଆକାଶେ
ଶରତ ରାତିର ଜହ୍ନ
ତମ ମଧୁ ହାସ ଜିଣିପାରେ ମୋର
ଅଝଟ ଅବୁଝା ମନ ।

ଅଶିଣ ସଞ୍ଜର ମଞ୍ଜୁଆତି ଆଉ
ଜକ ଜକ ଜହ୍ନିଫୁଲ
ତୁମ ପ୍ରେମ ପ୍ରୀତି ଆଣଇ ଆବେଗ
ବଢାଏ ପ୍ରଣୟ ମୂଳ ।

ପ୍ରିୟତମା ମୋର କଦମ୍ବବନର
ଚୋରା ଚଇତାଳି ରାସ
ତାଡନାକୁ ସହି ପ୍ରିୟା ତୁମପାଇଁ
ସାଜିଚି ମଉଳା ଘାସ ।

ପ୍ରିୟତମା ତମେ ହୀରା ନୀଳା ମୋତି
ମାଣିକ ମୁକୁତା ସୁନା
ତୁମକୁ ପାଇଲେ ବିରହ ବେଦନା
ଦୁଃଖ ହେଇଯିବ ଚୂନା ।

ପ୍ରିୟତମା ତମେ ଜୀବନ ମରୁରେ
ଶତ ମନ୍ଦାକିନୀ ଧାରା
ତମ ଆଗମନେ ନିଦାଘର ତାତି
ହଟିଯିବ ନିଆଁ ଖରା ।

ପ୍ରିୟତମା ତମେ ମିଳନକୁଞ୍ଜର
ସଜଳ ଅଭୁଲା ସ୍ମୃତି
ଛାଇ ନିଦ ଭରା ଉଦାସ ଆଖିରେ
ସପନ ସାଇତା ରାତି ।

+ କୁଞ୍ଜର -ସଙ୍ଗଳାଇ, ପିପିଲି -ପୁରୀ
(ମୋ) ୭୦୬୪୭୭୮୨୪୭

## ବୋଉଲୋ
### ଶିଶିରା ବିଧୌତା ସାମଲ

ବୋଉଲୋ.....
ଅଜରା ବାଟରେ
ବାଟୋଇ ସାଜିଲୁ
ପଛକୁ ଚାହିଁଲୁ ନାହିଁ,
କି ଦୋଷ କରିଲୁ
ମନୁ ଭୁଲିଗଲୁ
ପର କରିଦେଲୁ କାହିଁ ?
ନିଦରେ ଆସୁଛୁ
ମଥା ସାଉଁଳୁଛୁ
କଥା କହୁନାହୁଁ କିଛି,
ତୋ ହାତ ରାନ୍ଧଣା
ଖାଇ ପାରୁନାହିଁ
ଭଲ ମନ୍ଦ ବାଛି ବାଛି ।
ଏକୁଟିଆ ହେଲେ
ତୋର ଡାକ ଶୁଭେ
ଧାଏଁ ମୁଁ ଏରୁଣ୍ଡି ଡେଇଁ,
ପାଏ ନାହିଁ ତୋତେ
ଯେତେ ବି ଖୋଜିଲେ
ଲୁହ ଧାର ଯାଏ ବହି ।

ତୋ ପରି କିଏ
ଡାକୁନି ସରଗେ
ନାମଟିକୁ ମୋର ଧରି,
ବଦଳି ଯାଇଛି
ଆମ ପରିବେଶ
ସେନେହ ଯାଇଛି ସରି ।
ସେଇ ଘର ଅଛି
ସେଇ ବିଛଣା ଅଛି
ତୁ କିନ୍ତୁ ନାହୁଁ ଆଜି,
ଖୋଜୁଛି ଖୋଜିବି
ଜନ୍ମ ଜନ୍ମାନ୍ତର
ତୋହରି ଝିଅଟେ ସାଜି ।
ଫେରିବୁକି ବୋଉ
କେଉଁ ଦିନ କହ
ସପନରେ ଥରେ ଆସି,
ଅନାଇ ଥିବି ମୁଁ
ତୋର ବାଟ ଚାହିଁ
ଦାଣ୍ଡ ଅଗଣାରେ ବସି ।

+ କମ୍ପ୍ୟୁଟର ଶିକ୍ଷୟିତ୍ରୀ, ବିଡ଼ାନାସୀ
ବନ୍ଧଛକ, କଟକ
(ମୋ) : ୯୭୭୮୬୩୫୯୨୬

## ବାଲି : ମାଧୁରୀ ନନ୍ଦଝ

ମୁଦାଆଖିରେ ବି ମୁକୁଳି ଯାଉଛି ପିଲାଦିନ
ଛୁଟିଦିନସବୁ ଛିଟ ପ୍ରଜାପତି ପରି ।

ସେଇ ଛିଟ ପ୍ରଜାପତି ଉଡ଼ା
ଛୋଟ ଛୋଟ ଦିନପୁଂଜାଆଡେ ଅନାଇଲେ
ଧୂଳି ଆଉ ବାଲିର ଭୂଚିତ୍ର ।
ବାଲି ତ ବହଳ ଭୂଇଁ
ଯା'ଉପରେ ଆଙ୍କିହୁଏ
ଅନେକ ଅଙ୍କାବଙ୍କା ଛବି
ହେଲେ କେବେ ବି ସେ ବହି ହେଇପାରେନା ।

ବାଲିକୁ ଭାତକରି ରାନ୍ଧିହୁଏ ଷଢେଇରେ
ହେଲେ ଭୋକ ମରେନା କି ପେଟ ଭରେନି
ନିଜକୁ ନିଜେ ପୋଖତ ରାନ୍ଧୁଣୀ ସଜାଏ
ମିଛିମିଛିକା ।

ବାଲି, ପ୍ରେମିକା ପରି ଛାତିଟେ
ସଜାଏ ନିଜକୁ ବେଳାଭୂଇଁ କରି
ହେଲେ ନା ମେଣ୍ଟେ ତୃଷ୍ଣା
ନା ବାନ୍ଧିପାରେ ବାହୁରେ
ଆଜୀବନ ଆକୁଳତାର
ଲତପତ ଶୂନ୍ୟଶଯ୍ୟାରେ ।

ନଈ ସହ ବହିପାରେ, ପବନ ସହ ଉଡିପାରେ
ହେଲେ ନିଆଶୀ ଆଜୀବନ
ପଡିରହେ ପାଷାଣୀ ପରି କୋହକୁ ଜଡେଇ ।

ପିଲାଦିନ ଆଜି ଅନେକ ପଛରେ
ବାଲିଘର ବଦଳରେ ସତସତିକା
ବାଲି, ଇଟା ଆଉ ସିମେଣ୍ଟରେ ଗଢିଛି ଘର
ହେଲେ ଶୁଭୁନି ସାଙ୍ଗସାଥୀଙ୍କ କଳରୋଳ
ସରାଗଭରା ସେ ସମୟର ସ୍ୱର ।

+ ଭୀମପୁରା, ବାଲେଶ୍ୱର

## ଆଉ ତୋ ଗଳିରେ ରଖୁନି ମୋ ପାଦ
### ତାରାପ୍ରସାଦ ଜେନା

ଆଉ ତୋ ଗଳିରେ ରଖୁନି ମୋ ପାଦ
ସାଧୁରୁ ଲାଗୁଛି ଚୋର
ପ୍ରେମଟା କରିବା ବିପଦ ଏମିତି
ଛାତିରେ ଛାତିଏ ଡର
...........ଆଉ ତୋ ଗଳିରେ ରଖୁନି ମୋ ପାଦ ସାଧୁରୁ ଲାଗୁଛି ଚୋର ! ୦ !

ମୋହର ଦରଜା ଫିଟେଇ ଦେବାକୁ କହୁନି ମୋ ମନ ସତ
ଫୁଲର ସବାରୀ ଉଠାଇ ନେବାକୁ ଯାଉନି ଏଇ ମୋ ହାତ
ଆଖିର ସପନ ଲୁହରେ ବିକଳ ଭାଙ୍ଗୁଛି ଆଶାର ଘର
...........ଆଉ ତୋ ଗଳିରେ ରଖୁନି ମୋ ପାଦ ସାଧୁରୁ ଲାଗୁଛି ଚୋର ! ୧ !

ତୋ ରୂପ କୁହୁକ ବଳେଇ ପଡୁନି ଭାବର ଅଭାବ ଆଣେ
ସ୍ମୃତିରେ ଜୀଇବା ସମ୍ଭବ ହେଉନି ନିଜକୁ ଅକ୍ଷମ ମଣେ
ହାରିବା ଲୋକର ବଇଁଶୀ ବେସୁରା ଶୁଣିଦେ ଗୋଟିଏ ଥର
...........ଆଉ ତୋ ଗଳିରେ ରଖୁନି ମୋ ପାଦ ସାଧୁରୁ ଲାଗୁଛି ଚୋର ! ୨ !

+ ରାଜ ରଣପୁର, ଜିଲ୍ଲା-ନୟାଗଡ଼, ପିନ୍-୭୫୨୦୨୬,
(ମୋ) ୯୩୪୮୦୫୪୩୦୦

# ଆଇଆଇସିଏରେ ଡିଜିଟାଲ ଗଭର୍ଣ୍ଣାନ୍ସ ଓ ସାଇବର ସୁରକ୍ଷା ଉପରେ କାର୍ଯ୍ୟକ୍ରମରେ ଡିଜିଟାଲ ବିକାଶ ଉପରେ ଆଲୋଚନା

ନୂଆଦିଲ୍ଲୀ,୧୭/୧୧(ନି.ପ୍ର) : ଇଣ୍ଡିଆନ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କର୍ପୋରେଟ୍ ଆଫେୟର୍ସରେ ଆୟୋଜିତ ଡିଜିଟାଲ୍ ଶାସନ ଏବଂ ସାଇବର ସୁରକ୍ଷା ସମ୍ମିଳନୀରେ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଭାସ୍କରାଚାର୍ଯ୍ୟ ରାଷ୍ଟ୍ରୀୟ ଅନ୍ତରିକ୍ଷ ପ୍ରୟୋଗ ଓ ଭୂ-ସୂଚନା ସଂସ୍ଥାନର ବିଶେଷ ମହାନିର୍ଦ୍ଦେଶକ ବିନୟ ଠାକୁର କହିଥିଲେ ଯେ ଡିଜିଟାଲ୍ ଶାସନ, ସାଇବର ସୁରକ୍ଷା, ପୋଷ୍ଟ-କ୍ୱାଂଟମ୍ କ୍ରିପ୍ଟୋଗ୍ରାଫି ଏବଂ ଭାରତର ବିକାଶଶୀଳ ଡିଜିଟାଲ୍ ସାମୁଦାୟିକ ଆଧାରଭୂମି — ଏସବୁ ମଧ୍ୟରେ ସୁରକ୍ଷିତ ପ୍ରଯୁକ୍ତି ଏବଂ ଭବିଷ୍ୟତର ଡିଜିଟାଲ୍ କୌଶଳ ଆଜି ଭାରତର ସାମାଜିକ-ଆର୍ଥିକ ଉନ୍ନତିର ଆବଶ୍ୟକତା ହୋଇପାରିଛି । ଆଇଆଇସିଏ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସ୍ଥାନର ମହାନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ଞାନେଶ୍ୱର କୁମାର ସିଂହ କହିଛନ୍ତି ଯେ ଡିଜିଟାଲ୍ କ୍ଷେତ୍ରରେ ଦ୍ରୁତ ବଦଳୁଥିବା ପରିସ୍ଥିତି ମଧ୍ୟରେ ଆଗାମୀ ପେଶାଜୀବୀମାନେ ସୁରକ୍ଷିତ ଏବଂ ସମର୍ଥ ପ୍ରଯୁକ୍ତିଗତ ଜ୍ଞାନ ଉନ୍ନତ କରିବା ସମୟର ଆବଶ୍ୟକତା। ବିନୟ ଠାକୁର ଭାରତର ଡିଜିଟାଲ୍ ସାମୁଦାୟିକ ଆଧାରଭୂମିକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପ୍ରଣାଳୀମାନଙ୍କ ମଧ୍ୟରୁ ଗୋଟିଏ ବୋଲି କହିଛନ୍ତି। ସେ ଆଧାର, ୟୁପିଆଇ, ଡିଜିଲକର୍, ଭାରତନେଟ୍, କୋ-ୱିନ୍, ଉମଙ୍ଗ, ମେଘରାଜ୍ କ୍ଲାଉଡ୍ ଏବଂ ବିଆଇଏସଏଜି-ଏନର ଭୂ-ସ୍ଥାନିକ ପ୍ଲାଟଫର୍ମମାନଙ୍କ ବିଷୟରେ କଥା କହି ଉଲ୍ଲେଖ କରିଥିଲେ ଯେ, ଏହି ପଦକ୍ଷେପଗୁଡିକ ଶାସନ, ସାର୍ବଜନିନ ସେବାମାନା ଏବଂ ନାଗରିକ ସଶକ୍ତିକରଣକୁ ଏକ ନୂତନ ଦିଗ ଦେଇଛି। ଠାକୁର କହିଛନ୍ତି ଯେ, ଡିଜିଟାଲ୍ ଇଣ୍ଡିଆ କେବଳ ଗୋଟିଏ କାର୍ଯ୍ୟକ୍ରମ ନୁହେଁ, ବରଂ ଗୋଟିଏ ପରିବର୍ତ୍ତନଶୀଳ ଆନ୍ଦୋଳନ ଯାହା ଗ୍ରାମୀଣ ଏବଂ ସହର ଅଂଚଳମାନଙ୍କ ମଧ୍ୟର ଦୂରତାକୁ କମାଇଛି ଏବଂ ସେବାମାନଙ୍କର ବ୍ୟାପକ ଉପଲବ୍ଧତାକୁ ସୁନିଶ୍ଚିତ କରିଛି।

# ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ




ବାରିପଦା,୧୭/୧୧(ନି.ପ୍ର) : ବାରିପଦାର ବାଲେଶ୍ୱର ଗୋଲେଇ ସ୍ଥିତ ଆଦର୍ଶ ଦୁର୍ଗାବତୀ ରାଷ୍ଟ୍ରଭାଷା ବିଦ୍ୟାଳୟ ପରିସରରେ ଶିଶୁଦିବସ ସହ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି ଓ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ତଥା ସମାଜସେବୀ ଗୟାପ୍ରସାଦ ଖଣ୍ଡେଲୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇ. ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ ଓ ଅନ୍ୟ ମାନଙ୍କ ମଧ୍ୟରେ କମିଟିର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସୁକାନ୍ତ ଜୀଉ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବ୍ରଜମୋହନ ମୁର୍ମୁ, ଭାଗବତ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ ମହାନ୍ତି, ସାମ୍ବାଦିକ ତରୁଣ କୁମାର ଦାଶ, ଅବସରପ୍ରାପ୍ତ କୃତୀ ଶିକ୍ଷକ ବଳରାମ ନାଥ, ଡଃ ଅସୀମ କୁମାର ଚକ୍ରବର୍ତ୍ତୀ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ ତଥା କପିଳ ଦୁବେ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଭଲ ମଣିଷ ହେବାପାଇଁ ଉପଦେଶ ଦେଇଥିଲେ । ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଡଃ ଶଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ଓ ନହରପଦା ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ସଂଗୀତ, ନୃତ୍ୟ, ପ୍ରବନ୍ଧ, ଏକକ ଅଭିନୟ ଆଦି ପ୍ରତିଯୋଗିତା କରାଯାଇ ୬୨ ଜଣ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ମହାନ୍ତି, ସି ଆର ସି ସି କନକଲତା ମାଝୀ, ଶିକ୍ଷକ ବଳରାମ ନାଥ, ରାମଚନ୍ଦ୍ର ବେହେରା, ସର୍ଦ୍ଦାର ହରିଚରଣ ସିଂହ, ସମାଜସେବୀ ଡଃ ନିରୋଜ କୁମାର ପୋଥାଳ, ସାମ୍ବାଦିକ ତରୁଣ କୁମାର ଦାଶ, ହିମାଂଶୁ ପ୍ରହରାଜ, ଚିତ୍ତରଞ୍ଜନ ସ୍ୱାଇଁ, ସୋମନାଥ ସିଂହ, ସିଦ୍ଧେଶ୍ୱର ମିଶ୍ର, ଅଜିତ ଦାସ, ରଜନୀବାଳା ବାରିକ, ବିନୋଦ କୁମାର ମାଣ୍ଡାଇଙ୍କୁ ଚାରାଗଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ /ଶିକ୍ଷୟତ୍ରୀ, ଅବିଭାବକ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଶିକ୍ଷକ ଜ୍ଞାନରଞ୍ଜନ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଗୁଲି ଆଶ୍ରମ ବିଦ୍ୟାଳୟରେ ସହଭାଗିତା ଭାବରେ ପିତାମାତା କାର୍ଯ୍ୟକ୍ରମ ପାଳିତ




ବଡ଼ସାହି,୧୭/୧୧(ନି.ପ୍ର) : ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ ଅଧିନସ୍ଥ କୋଚିଳାଖୁଣ୍ଟା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଗୁଲି ଆଶ୍ରମ ବିଦ୍ୟାଳୟ ପରିସରରେ ସହଭାଗିତା ଭାବରେ ପିତାମାତା (**Parents as Partner**) କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ନେଇଥିବା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶ୍ରୀଯୁକ୍ତ ସଚ୍ଚିଦାନନ୍ଦ ମହାନ୍ତି, କୋଚିଳାଖୁଣ୍ଟା ଗ୍ରାମ ପଞ୍ଚାୟତର ସରପଞ୍ଚ ତଅପୋଇ ସିଂ, କୋଚିଳାଖୁଣ୍ଟା ଗ୍ରାମ ପଞ୍ଚାୟତର ସମିତି ସଦସ୍ୟ ଶ୍ରୀଯୁକ୍ତ ରାମଚନ୍ଦ୍ର ନାଏକ, ଶିକ୍ଷା କମିଟିର ଉପ ସଭାପତି, ବିଭିନ୍ନ ଲାଇନ ବିଭାଗୀୟ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ । ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିବା ସହ ଛାତ୍ରଛାତ୍ରୀମାନଙ୍କ ଅନୁଭୂତି ପରିବେଷଣ ଅତ୍ୟନ୍ତ ମନ ମୁଗ୍ଧକର ଥିଲା । ସହକାରୀ ଶିକ୍ଷକ ନାରାୟଣ ନାୟକ ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ବାବଦରେ, ସହକାରୀ ଶିକ୍ଷୟିତ୍ରୀ ରଞ୍ଜିତା ଜେନା ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ବାବଦରେ, ସହକାରୀ ଶିକ୍ଷୟିତ୍ରୀ ଲିଲିମା ମଣ୍ଡଳ ଜୀବନକୌଶଳ ଶିକ୍ଷା ବାବଦରେ ବିସ୍ତୃତ ଧାରଣ ପ୍ରଦାନ କରିଥିଲେ । ବିଭିନ୍ନ ଲାଇନ ବିଭାଗର ଅଧିକାରୀ ସରକାରୀ ଯୋଜନା ବାବଦରେ ଅଭିଭାବକଙ୍କୁ ଅବଗତ କରିଥିଲେ। ଆମେ ଜାଣିଲେ ଯାଇ ଆମେ ଜିଣିପାରିବା କାର୍ଯ୍ୟକ୍ରମ ସଫଳ ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ଅଷ୍ଟମ ଶ୍ରେଣୀ ଛାତ୍ରୀ ଇନ୍ଦୁ ନାଏକ ଏବଂ ସ୍ମୃତି ରେଖା ନାଏକଙ୍କ ଉପସ୍ଥାପନା ଶୈଳୀ ଅତ୍ୟନ୍ତ ଆକର୍ଷଣୀୟ ହୋଇଥିଲା । ବୈଠକର ଶେଷ ପର୍ଯ୍ୟାୟରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନଙ୍କ କର କମଳରୁ ପୁରସ୍କାର ବିତରଣ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ୍ୱ ଅଭିଭାବକ ଯୋଗଦାନ କରିଥିଲେ। ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ମୃତ୍ୟୁଞ୍ଜୟ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସସ୍ମିତା ସେଠୀ, ରାଜଶ୍ରୀ ପ୍ରଧାନ, ମେଟ୍ରନ ସୁଜାତା ସେଠୀ, ରୋଷେୟା ତଥା ଅନୁଚର ପୂର୍ଣ୍ଣ ଚନ୍ଦ୍ର ନାଏକ, ବାସନ୍ତୀ ନାଏକ, ପାନ ମଣି ହେମ୍ବ୍ରମ, ଗିରୀଶ ଚନ୍ଦ୍ର ନାଏକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଓ ସର୍ବ ଶେଷରେ ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ଲୁଗୁ ସିଂ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରାଯାଇଥିଲା ।

# ପୁସ୍ତକ ଲୋକାର୍ପଣ ସମାରୋହ ଅନୁଷ୍ଠିତ

ନୂଆପଡ଼ା,୧୭/୧୧(ନି.ପ୍ର) : ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମ ସ୍ଥିତ ଭାଗବତ ଧର୍ମ ସାଂସ୍କୃତିକ ଅନୁଷ୍ଠାନ ପରିସରରେ କବୀ କ୍ଷୀର ପ୍ରସାଦ ରାଉତରାୟଙ୍କ ଲିଖିତ ଭଜନ ତତ୍ୱବୋଧ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀ, ବିଶିଷ୍ଟ ଅତିଥି ଭାବେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡ. ଫଣିନ୍ଦମ ସିଂ ଦେଓ ଯୋଗଦାନ କରି ଶ୍ରୀ ରାଉତରାୟଙ୍କ ଲେଖା ଉଚ୍ଚ କୋଟିର ବୋଲି ପ୍ରଂଶସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ସୁଶାନ୍ତ କୁମାର ବିଶି ସଭାପତିତ୍ୱ କରିଥିବା ବେଳେ ସମୀକ୍ଷକ ଭାବେ ଅଧାପକ ଲୋହିତାକ୍ଷ ଯୋଶୀ, ବିଶିଷ୍ଟ ଅନୁବାଦକ ଓ ପ୍ରାବନ୍ଧିକ ତଥା ପଲ୍ଲୀ ପ୍ରଗତି ମହାବଦ୍ୟାଳୟର ଦୋହେଲପଡାର ଅଧକ୍ଷ ରୁଦ୍ର ମାଧବ ବାରିକ ଯୋଗଦାନ କରି ସମୀକ୍ଷା କରିଥିଲେ। ପ୍ରଥମ ଅଧିବେଶନରେ ଅତିଥି ପରିଚୟ ଶିକ୍ଷାବିତ ତୁମେଶ୍ୱର ଚଲାନ ପ୍ରଦାନ କରିଥିବା ବେଳେ କ୍ରୀଡା ଶିକ୍ଷକ ରାଜକପୂର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲବ୍ଧ ପ୍ରତିଷ୍ଠ କବି ନୀଳଲୋହିତ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ସୁ ସାହିତ୍ୟିକ ବୈଷ୍ଣବ ମେହେର ଯୋଗଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୁଦତ ଚଲାନ ଅଧକ୍ଷତା କରିଥିବା ବେଳେ ସଂଯୋଜନା ଦାୟିତ୍ୱରେ କବୟିତ୍ରୀ ମାନିନୀ ମେହେର ଯୋଗଦାନ କରି ଦାୟିତ୍ୱ ସମ୍ପାଦନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ଦେବାନନ୍ଦ ଚଲାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୋଇମୁଣ୍ଡି ଗୌନ୍ତିଆ ଶୁଶିଲ କୁମାର ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶୁଲପାଣି ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପଦ୍ମନ ସିଂ ଚଲାନ, ମହେନ୍ଦ୍ର ସିଂ ଚଲାନ, ଫଂଚୁସର ଚଲାନ, ଜଗଦାନନ୍ଦ ରାଉତ ଉପସ୍ଥିତ ଥିଲେ। ସନ୍ତୋଷ ବୁଡେକ, ଶୁଭମ ବାରିକ, ସତ୍ୟମ ବାରିକ, ଯୁବରାଜ ବୁଡେକ ସହଯୋଗ କରିଥିଲେ

# ଟାୟାର ଦୋକାନରେ ଅଗ୍ନିକାଣ୍ଡ : ଅଳ୍ପକେ ବର୍ତ୍ତିଲେ ଦୋକାନୀ

ବାରିପଦା,୧୭/୧୧(ନି.ପ୍ର) : ବାରିପଦା ସହରର ମଧୁବନ ଅଂଚଳରେ ଏକ ଟାୟାର ଦୋକାନରେ ଅଗ୍ନିକାଣ୍ଡ ହୋଇଛି। ତେବେ ଅଳ୍ପକେ ନିଆଁ ବ୍ୟାପିବାରୁ ବର୍ତି ଯାଇଛି । ମଧୁବନ ମିନି ଷ୍ଟାଡିୟମ ନିକଟରେ ଉକ୍ତ ଟାୟାର ଦୋକାନରେ ଅଗ୍ନିକାଣ୍ଡ ହୋଇଛି। ରବିବାର ଅପରାହ୍ନ ସମୟରେ ଘଟଣା ଘଟିଛି। ଏହି ଦୋକାନଟି ସ୍ଥାନୀୟ ଅଂଚଳର ବାପି କୁଇଲାଙ୍କ ବୋଲି ଜଣାପଡିଛି। କୋଣସି କାରଣ ପାଇଁ ଅଗ୍ନିକାଣ୍ଡ ଘଟିଥିବା ବେଳେ ତାହା ଧୀରେ ଧୀରେ ବ୍ୟାପିଥିଲା। ଏନେଇ ଅଗ୍ନିଶମ ବାହିନୀକୁ ଖବର ଦେବା ପରେ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିଲେ। ଅଗ୍ନିକାଣ୍ଡରେ ଦୋକାନଟି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଛି। ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା ତାହା ବର୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

# କନ୍ଧମାଳ ପୋଲିସ ପକ୍ଷରୁ ଲବାଣୀରେ ସାଇବର ସୁରକ୍ଷା ସଚେତନତା ଅଭିଯାନରେ ମିନି ମାରାଥନ୍

କନ୍ଧମାଳ,୧୭/୧୧(ନି.ପ୍ର) : ଆଜି କନ୍ଧମାଳ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଓଡ଼ିଶା ୨୦୨୫ ପାଳନ ପରିପ୍ରେକ୍ଷୀରେ ଏକ ମିନି ମାରାଥନ୍ 'ସାଇବର ସୁରକ୍ଷା ପାଇଁ ଗଣଦୌଡ' ଆୟୋଜିତ ହୋଇଯାଇଛି । ସାଂସଦ, କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ଫୁଲବାଣୀ ଉମା ଚରଣ ମଲ୍ଲିକ, ଜିଲ୍ଲାପାଳ, କନ୍ଧମାଳ ବେଦ ଭୂଷଣ, ଆରକ୍ଷୀ ଅଧିକ୍ଷକ, କନ୍ଧମାଳ ହରିଶ ବି.ସି ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ମାରାଥନ୍ ଟି କୋରୋନେସନ ପଡ଼ିଆରୁ ବାହାରି ଗାନ୍ଧୀ ଛକ, ଫୁଲବାଣୀ ବସଷ୍ଟାଣ୍ଡ, ଫୁଲବାଣୀ ସାହି (କେନ୍ଦୁପଦର), ନାଦିଖଣ୍ଡିସାହି ଦେଇ କୋରୋନେସନ ପଡିଆରେ ଶେଷ ହୋଇଥିଲା । ପୁରୁଷ ଓ ମହିଳା ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଟ୍ରଫି, ପଦକ ଓ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ୨୦ ପ୍ରତିଯୋଗୀଙ୍କୁ ପଦକ ଓ ମାନପତ୍ର ଏବଂ ଶ୍ରେଷ୍ଠ ୩୦ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ, ଫୁଲବାଣୀ ଭିକାରୀ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଭୁତି ଭୂଷଣ ମହାପାତ୍ର, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ. ସନ୍ତୋଷ କୁମାର ପାଢ଼ୀ, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ପ୍ରମୁଖ ଯୋଗ ଦେଇଥିଲେ ।

# ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଣ୍ଟରପ୍ରିନିୟରସିପ୍ ପାର୍କ ଦ୍ୱାରା 'ରିଫ୍ଲୋ:

## ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଇନୋଭେସନ୍ ହାକାଥନ୍ ୨୦୨୫' ଆୟୋଜିତ

ଭୁବନେଶ୍ୱର,୧୭/୧୧(ନି.ପ୍ର) : ଆଇଆଇଟି ଭୁବନେଶ୍ୱର ରିସର୍ଚ୍ଚ ଆଣ୍ଡ ଏଂଟରପ୍ରିନିୟରସିପ୍ ପାର୍କ (ଆଇଆଇଟିବିବିଏସ୍ ଆରଇପି), ୟୁନିସେଫ୍ ଓଡ଼ିଶା, ଆୟୁରାରୋଗ୍ୟ ସୌଖ୍ୟମ୍ ଫାଉଣ୍ଡେସନ୍, ଆକ୍ସନଲ୍ୟାବ୍ ୨୦୫୦ ଫାଉଣ୍ଡେସନ୍, ସଫ୍ଟୱେର୍ ଟେକ୍ନୋଲୋଜି ପାର୍କସ୍ ଅଫ୍ ଇଣ୍ଡିଆ (ଏସ୍ଟିପିଆଇ) ଏବଂ ଓଡ଼ିଶା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ଆଲାଏନ୍ସର ସହଯୋଗରେ, ଆଇଆଇଟି ଭୁବନେଶ୍ୱରର ଲଳିତଗିରି ଲେକ୍ଚର ହଲ୍ କମ୍ପ୍ଲେକ୍ସରେ ରିଫ୍ଲୋ: ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଇନୋଭେସନ୍ ହାକାଥନ୍ ୨୦୨୫ ସଫଳତାର ସହିତ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ମଧ୍ୟ ସହାୟତା ପ୍ରଦାନ କରିଥିଲା। ଏହା ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ସ୍ୱଚ୍ଛତା ବିଷୟବସ୍ତୁ ଉପରେ କେନ୍ଦ୍ରିତ କରି ଆଇଆଇଟି ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରଥମ ହାକାଥନ୍ ଥିଲା। ଏହି କାର୍ଯ୍ୟକ୍ରମ ସହଭାଗୀ ସଂଗଠନର ପ୍ରତିନିଧିମାନଙ୍କ ଦ୍ୱାରା ଆୟୋଜିତ ଏକ ଉଦଘାଟନୀ ସମାରୋହ ସହିତ ଆରମ୍ଭ ହୋଇଥିଲା। ରିଫ୍ଲୋ ହାକାଥନର ସଂଯୋଜକ ଏବଂ ଆଇଆଇଟିବିବିଏସ୍ ଆରଇପିର ସ୍ୱତନ୍ତ୍ର ନିର୍ଦ୍ଦେଶକ ଡକ୍ଟର ସୀମା ବାହିନୀପତି ସ୍ୱାଗତ ଭାଷଣ ଦେଇଥିଲେ, ତା'ପରେ ୟୁନିସେଫ୍, ଓଡ଼ିଶାର ୱାସ୍-ସିସିଇଏସ୍ ବିଶେଷଜ୍ଞ ଶ୍ରୀମତୀ ଶିପ୍ରା ସକ୍ସେନା; ଆୟୁରାରୋଗ୍ୟ ସୌଖ୍ୟମ୍ ଫାଉଣ୍ଡେସନ୍‌ର ପରାମର୍ଶଦାତା ବୋର୍ଡର ଅଧକ୍ଷ ପ୍ରଫେସର ପ୍ରବୀଣ ବିଷ୍ଟ; ଆକ୍ସନଲ୍ୟାବ୍ ୨୦୫୦ର ଶ୍ରୀ ତାପସ ମହାପାତ୍ର; ଭୁବନେଶ୍ୱରର ଇଲେକ୍ଟ୍ରୋପ୍ରେନିଅର୍ ପାର୍କ, ଏସ୍ଟିପିଆଇର ସିଓଓ ସୁଶ୍ରୀ ପୂରବୀ ପୂର୍ଣ୍ଣଶା ମିଶ୍ର; ୟୁନିସେଫ୍ ଓଡ଼ିଶାର ସ୍ୱାସ୍ଥ୍ୟ ବିଶେଷଜ୍ଞ ଡକ୍ଟର ମୀନା ସୋମଙ୍କ ବକ୍ତବ୍ୟ ରଖିଥିଲେ। ବକ୍ତାମାନେ ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ସମାନତା, ସ୍ଥାୟୀତ୍ୱ ଏବଂ ସମ୍ପ୍ରଦାୟ-ଚାଳିତ ସଚେତନତାକୁ ପ୍ରୋତ୍ସାହିତ କରିବାରେ ନବସୃଜନର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।

ଏହି ଦିନବ୍ୟାପୀ କାର୍ଯ୍ୟକ୍ରମରେ ସାରା ଭାରତରୁ ନବସୃଜନକାରୀ, ଷ୍ଟାର୍ଟ-ଅପ୍, ଛାତ୍ର, ଏନଜିଓ ଏବଂ ଯୁବ ପରିବର୍ତ୍ତନକାରୀମାନେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା (ଏମଏଚଏଚ) କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ପାଇଁ ସହ-ଉତ୍ପାଦନ କରିବା ପାଇଁ ଏକତ୍ରିତ ହୋଇଥିଲେ। ଫାଇନାଲିଷ୍ଟମାନେ ପାଂଚଟି ପ୍ରମୁଖ ନବସୃଜନ ଟ୍ରାକରେ ପ୍ରୋଟୋଟାଇପ୍ ଏବଂ ଧାରଣା ଉପସ୍ଥାପନ କରିଥିଲେ - ସ୍ଥାୟୀ ଋତୁସ୍ରାବ ଉତ୍ପାଦ ପାଇଁ ପୁନଃବ୍ୟବହାରଯୋଗ୍ୟ ଋତୁସ୍ରାବ ଉତ୍ପାଦ ଏବଂ ଅନଲାଇନ୍ ସଚେତନତା ଅଭିଯାନ, ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ପରିଚ୍ଛନ୍ନତାରେ ଆଇଓଟି ସମାଧାନ, ଜୀବିକା ଭାବରେ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ଋତୁସ୍ରାବ ସ୍ୱାସ୍ଥ୍ୟ ଏବଂ ବିଶ୍ୱାସ। ସାରା ଦେଶରୁ ମୋଟ ୭୬ ଦଳ ମଧ୍ୟରୁ ଚୂଡ଼ାନ୍ତ ଉପସ୍ଥାପନା ପାଇଁ ନବସୃଜନଶୀଳ ଚିନ୍ତାଧାରା ସହିତ ୪୪ ଦଳକୁ ଚୟନ କରାଯାଇଥିଲା। ଦିନସାରା, ଫାଇନାଲିଷ୍ଟମାନେ ଲାଇଭ୍ ପ୍ରଦର୍ଶନ ଏବଂ ଉପସ୍ଥାପନା ମାଧ୍ୟମରେ ସେମାନଙ୍କର ଧାରଣା ପ୍ରଦର୍ଶନ କରିଥିଲେ, ଯାହାକୁ ବିଶେଷଜ୍ଞଙ୍କ ଏକ ପ୍ୟାନେଲ ଦ୍ୱାରା ମୂଲ୍ୟାଙ୍କନ କରାଯାଇଥିଲା। ଶେଷ ଅଧିବେଶନରେ, ଜୁରୀ ସଦସ୍ୟମାନେ ଉପସ୍ଥାପିତ ସମାଧାନର ଗୁଣବତ୍ତା, ପ୍ରଭାବ ସମ୍ଭାବନା ଏବଂ ମାପକାଠି ଉପରେ ସେମାନଙ୍କର ପ୍ରତିଫଳନ ବାଂଟିଥିଲେ। ଓଡ଼ିଶାର ପ୍ୟାଡ୍ ଗାର୍ଲ ଭାବରେ ପ୍ରସିଦ୍ଧ ଶ୍ରୀମତୀ ପାୟଲ ପଟେଲ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସାମାଜିକ ମଙ୍ଗଳ ପାଇଁ ନବସୃଜନକୁ ପ୍ରୋତ୍ସାହିତ କରିବା ଉପରେ ଏକ ଉତ୍ସାହଜନକ ବାର୍ତ୍ତା ଦେଇ ସମାବେଶକୁ ସମ୍ବୋଧିତ କରିଥିଲେ। ପୁରସ୍କାର ବଂଟନ ସମାରୋହ ସମୟରେ ନବସୃଜନ ଟ୍ରାକଗୁଡ଼ିକର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା, ଯାହା ଏକ ଉଚ୍ଚ-ଉର୍ଜା, ପ୍ରଭାବ-ଚାଳିତ କାର୍ଯ୍ୟକ୍ରମର ପରିଣାମ ଥିଲା ଯାହାର ଲକ୍ଷ୍ୟ ଥିଲା ସମ୍ପ୍ରଦାୟଗୁଡ଼ିକ କିପରି ମାସିକ ଋତୁସ୍ରାବ ସ୍ୱାସ୍ଥ୍ୟ ସମାଧାନର ପ୍ରବେଶ ଏବଂ ସେଥିରେ ସାମିଲ ହୁଅନ୍ତି ତାହା ପରିବର୍ତ୍ତନ କରିବା। ରିଫ୍ଲୋ ୨୦୨୫, ଆଇଆଇଟିବିବିଏସ୍ ଆରଇପିର ପରାମର୍ଶ, ଇନକ୍ୟୁବେସନ୍ ସମର୍ଥନ ଏବଂ ସୃଷ୍ଟିକର୍ତ୍ତାମାନଙ୍କୁ ବାସ୍ତବ-ବିଶ୍ୱ ପ୍ରଭାବରେ ଧାରଣାଗୁଡ଼ିକୁ ଅନୁବାଦ କରିବା ପାଇଁ ସୁଯୋଗ ପ୍ରଦାନ କରି ସାମାଜିକ ଭାବରେ ପ୍ରାସଙ୍ଗିକ ନବସୃଜନକୁ ସମର୍ଥନ କରିବା ପ୍ରତିବଦ୍ଧତାର ଏକ ପ୍ରମୁଖ ଅଂଶ ଗଠନ କରେ।

## ଦଲିଲ ହଜିଛି

ମୁଁ ଶ୍ରୀମତି ରଞ୍ଜିତା ଦ୍ୱିବେଦୀ ସ୍ୱାମୀ ସ୍ୱର୍ଗତ ଶିବାଷିଶ ଦ୍ୱିବେଦୀ ଗ୍ରାମ -ମିରିଗିଣୀ, ଥାନା -ନୀଳଗିରି ଜିଲ୍ଲା-ବାଲେଶ୍ୱର ଅଟେ ।ଆପଣଙ୍କ ଗୋଚରାର୍ଥେ ଜଣେଇ ଦେବାକୁ ଚାହୁଁଛି କି ମୋର ସ୍ୱର୍ଗତ ସ୍ୱାମୀଙ୍କ ଦ୍ୱାରା ୨୦୧୭ ମସିହା ଜୁନମାସ ୧୨ତାରିଖରେ ଶ୍ରୀ ଅମ୍ବରିସ ରାଏ ପିତା-ରତିନାରାୟଣ ରାଏଙ୍କ ଠାରୁ ଏକଜମି କ୍ରୟ କରାଯାଇଥିଲା। ଯାହା ଗ୍ରାମ-ସାନଅତା ପୋଷ୍ଟ -ରାଜନୀଳଗିରି,ଥାନା -ନୀଳଗିରି ଜିଲ୍ଲା -ବାଲେଶ୍ୱର ଠାରେ ରହିଛି। ଯାହାର ଆରଏସଡି ନମ୍ବର ୧୦୧୨୧୭୦୦୫୩୩ ଅଟେ । ଯାହାର ଦଲିଲ ଏବେ କୌଣସି କାରଣ ବଶତଃ ହଜିଯାଇଅଛି । ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୨୦୨୫ ମସିହା ନଭେମ୍ବର ମାସ ୧୪ ତାରିଖରେ ଏକ୍ସିକ୍ୟୁଟିଭ ମାଜିଷ୍ଟ୍ରେଟ (ଓଆରଏସ)ଶୁଭଶ୍ରୀ ଜେନାଙ୍କ ଇଜିଲାସରେ ହାଜର ହୋଇ ଉକ୍ତ ସତ୍ୟପାଠ ଘୋଷଣା କରିବା ସହିତ ନୀଳଗିରି ଥାନା ଅଧିକାରୀଙ୍କ ଗୋଚରାର୍ଥେ ଏକ ଷ୍ଟେସନଡାଏରୀ ଯାହାର ନମ୍ବର ୦୧୩ ପ୍ରେରଣ କରିଅଛି।

ଶ୍ରୀମତି ରଞ୍ଜିତା ଦ୍ୱିବେଦୀ

## LOST OF Documents

I Mrs. Ranjita Dwibedi, wife of the late Shibasis Dwibedi from village Sanata PO- Raj-Nilgiri district- Balasore. I wish to inform you that a piece of land was purchased by my late husband on June 12, 2017, from Shri Ambaris Ray, son of Ratinarayan Ray, located in village Sanata, Post- Rajnilgiri, police station- Nilgiri, district Balasore. The RSD number of the land is 10121700533. The documents for the land have unfortunately been lost for some reason. Keeping this necessity in view, on November 14, 2025, at the court of Executive Magistrate (OAS) Shubhashree Jena, I appeared and made a solemn declaration. A stationary number 013 has been sent for the information of Nilgiri police station authorities.

Ranjita Dwibedi

## AFFIDAVIT

By virtue of an affidavit sworn before executive magistrate, Nilgiri, Balasore date -14/11/ 2025 that my son's actually and correct name is Rohan Singh which is mentioned in the birth certificate vide regd. no. 1933/ 2017 and School Register. But in the adhar card bearing no. 242400863267 in which his name has worngly mentioned as M M Rajesh Kumar Singh which his nick name. So his correct name is Rohan Singh instead of M M Rajesh Kumar Singh. Both two names is one and same person.

**Manoj Kumar Singh**

# ସହପାଠୀଙ୍କ ମାଡରେ ଅଷ୍ଟମ ଶ୍ରେଣୀ ଛାତ୍ର ଗୁରୁତର

ଖଇରା,୧୭।୧୧(ନି.ପ୍ର) ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅର୍ଜୁନପୁରସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟର ୨ଜଣ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ଜଣକର ଅବସ୍ଥା ଗୁରୁତର ହୋଇ ପଡିଛି । ଜଣେ ସହପାଠୀଙ୍କ ବୋତଲ ମାଡରେ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରଭାସ ବେହେରା ଗୁରୁତର ଆହତ ହୋଇଛନ୍ତି । ପ୍ରଥମେ ଖଇରା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି । ବଗେଇପୁର ଗ୍ରାମର ପ୍ରଭାସ ନିଜ ସହପାଠୀଙ୍କ ସହ ଜଳଖିଆ ଖାଇବା ପରେ କୌଣସୀ କଥାକୁ ଯୁକ୍ତିତର୍କ ହୋଇଥିଲା। ସହପାଠୀ ଜଣକ ପାଣି ବୋତଲରେ ଗୁପ୍ତାଙ୍ଗକୁ ବାଡେଇବା ପରେ ପ୍ରଭାସ ଗୁରୁତର ହୋଇ ପଡିଥିଲେ । ଏ ସମ୍ପର୍କରେ ଅଧ୍ୟକ୍ଷ ବିଶ୍ୱଜିତ ମୁଦୁଲିଙ୍କ ପ୍ରତିକ୍ରିୟା ନେବାରେ ପିଲାର ପ୍ରାଥମିକ ଚିକିତ୍ସା ପାଇଁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ବାପା ପହଞ୍ଚିବା ପରେ ତାଙ୍କ ତତ୍ତ୍ୱାବଧାନରେ ପିଲା କଟକ ବଡମେଡିକାଲରେ ଚିକିତ୍ସିତ ହେଉଛି।

# ସାମ୍ବାଦିକଙ୍କ ମାତୃ ବିୟୋଗ



ଖଇରା,୧୭/୧୧(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ରଟିଣା ପଞ୍ଚାୟତର ସଂସ୍କୃତି ସମ୍ପର୍ଣ୍ଣ ମହିଳା ମିଟି ନାୟକ(୮୦) ସୋମବାର ଅପରାହ୍ନରେ ଇହଲିଲା ସମ୍ବରଣ କରିଛନ୍ତି । ମଧ୍ୟମ ପୁତ୍ର ସମ୍ଭୁନାଥ ନାୟକ ଖଇରା ବ୍ଲକରେ ପ୍ରଗତିବାଦୀ ପ୍ରତିନିଧି ଭାବେ କାର୍ଯ୍ୟରତ ଥିବା ବେଳେ ବଡପୁଅ ଭଗବାନ ନାୟକ ଶିକ୍ଷୟତାରୁ ଅବସର ନେଇସାରିଛନ୍ତି ଏବଂ ସାନପୁଅ ସରୋଜ ନାୟକ ବୀମା ଏଜେଣ୍ଟ ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ମୃତ୍ୟୁ ଖବରପାଇ ରଟିଣା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ପ୍ରଫୁଲ୍ଲ ମହାନ୍ତି,ସାଇ ସଙ୍ଗଠନ ସମ୍ପାଦକ ଅକ୍ଷୟ ମହାନ୍ତି,ସଭ୍ୟ ସାଗର ସାହୁ ଓ କୈଳାସ ରାଉତ ପ୍ରମୁଖ ଶେଷ ଦର୍ଶନ କରିଥିଲେ । ସେହିଭଳି ଖଇରା ସାମ୍ବାଦିକ ସଂଘ ତରଫରୁ ଶୋକବ୍ୟକ୍ତ କରାଯାଇଛି ।

# ଆରୁହା ପଞ୍ଚାୟତରେ ସାମାଜିକ ସମୀକ୍ଷା ଅନୁଷ୍ଠିତ




ଜଳେଶ୍ୱର,୧୭/୧୧(ନି.ପ୍ର) : ଓଡିଶା ସାମାଜିକ ସମୀକ୍ଷା, ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତା ସମିତି (ଓସାଟ) ସୌଜନ୍ୟରେ ମାହାତ୍ମ୍ୟ ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ପକ୍ଷରୁ ଆଜି ଦିନ ୧୦ ଘଟିକା ସମୟରେ ୧ ଏପ୍ରିଲ ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୫ ପର୍ଯ୍ୟନ୍ତ ସରପଞ୍ଚ ତପନୀ ଭୂୟାଁଙ୍କ ସଭାପତିତ୍ୱରେ ସାମାଜିକ ସମୀକ୍ଷା ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଏହି ଗ୍ରାମସଭାରେ ଜୁନିଅର ଇଞ୍ଜିନିୟର ସୁନନ୍ଦା ବେହେରା, ପିଇଓ ଶଙ୍କର ନାରାୟଣ ସାହୁ,ଏଡିଇଓ ବିନୋଦ କୁମାର ବେହେରା, ଗ୍ରାମ୍ୟ ସାଧନ ସମ୍ବଳ ବ୍ୟକ୍ତି ସୁପ୍ରିୟା ନନ୍ଦୀ, ଝୁନା ରାଣୀ ପରିଡ଼ା, ଗୀତା ରାଣୀ ଦେଙ୍କ ସହ ପଞ୍ଚାୟତର ୱାର୍ଡ଼ ସଭ୍ୟ ସଭ୍ୟା, ପଞ୍ଚାୟତ ବାସି ଉପସ୍ଥିତ ରହି ମାହାତ୍ମ୍ୟ ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ।

# ଇଫକୋ ପକ୍ଷରୁ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର : ୧୫୨ ୟୁନିଟ ରକ୍ତ ସଂଗୃହୀତ



ପାରାଦୀପ,୧୭/୧୧(ନି.ପ୍ର) : ଇଫକୋ ପରିଚାଳନା ନିର୍ଦ୍ଦେଶକ କେ.ଜେ.ପଟେଲଙ୍କ ଜନ୍ମଦିବସ ଅବସରରେ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ଆଜି ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୫୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଇଫକୋ ପାରାଦୀପ ୟୁନିଟହେଡ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ.ମହାପାତ୍ର ଯୋଗ ଦେଇ ଉକ୍ତ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଇଫକୋର ବରିଷ୍ଠ ପ୍ରବନ୍ଧକ ଏନ.ଆର.ନାୟକ, ସାଧାରଣ ପ୍ରବନ୍ଧକ କେ.ଆର.ଏନ୍.ମୂର୍ତ୍ତି, ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ମହାନ୍ତି, ଡି.ଜି.ଏମ୍. ବି.କେ.ପରିଡା, ଇଫକୋ ଅଫିସର୍ସ ସଂଘ ସଭାପତି ସୁଶାନ୍ତ କୁମାର ଜେନା, ସାଧାରଣ ସମ୍ପାଦକ ସତ୍ୟଜିତ ଖୁଁଆ, ଇଫକୋ କର୍ମଚାରୀ ସଂଘ ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ତୃପ୍ତିରଂଜନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ । ଜୀବନରେ ରକ୍ତର ଆବଶ୍ୟକତାକୁ ଅନୁଭବ କରି ଇଫକୋର ଅଧିକାରୀ, କର୍ମଚାରୀମାନେ ଏହି ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ମେଗା ରକ୍ତଦାନ ଶିବିରରେ କଟକ କେନ୍ଦ୍ରୀୟ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ସହଯୋଗ କରିଥିଲେ ।

# ବଦଳି ଯିବକି ଉଦଳାର ଚିତ୍ର : ଚର୍ଚ୍ଚା



ଉଦଳା,୧୭/୧୧(ନି.ପ୍ର) : ଉଦଳାର ସାମଗ୍ରିକ ବିକାଶ ସହିତ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଗକୁ ଆସୁଛି ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି । କିଛିଦିନ ତଳେ ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ ଓ ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଏକାଠି ବସି ଉଦଳାର ସାମଗ୍ରିକ ବିକାଶ ପାଇଁ ଖୋଲା ଆଲୋଚନା କରୁଥିବାର ଦୃଶ୍ୟ ସମ୍ନାକୁ ଆସିଛି । ଉଦଳା ବିଜ୍ଞାପିତ ଅଂଚଳକୁ ମ୍ୟୁନସିପାଲଟି ଘୋଷଣା ସହିତ ରେଳପଥ ଓ ଜାତୀୟ ରାଜପଥର ସଂଯୋଗ ପାଇଁ ହେଉଥିବା ଦାବିକୁ ମୁଁ ସବୁ ସମୟରେ ସମର୍ଥନ ଦେଇ ଆସୁଛି ବୋଲି ପୁର୍ବତନ ବିଧାୟକ ଶ୍ରୀନାଥ ସୋରେନ ବ୍ୟକ୍ତ କରିଥିବା କଥା ଶୁଣିବାକୁ ମିଳୁଛି । ଏହି ଦୃଶ୍ୟକୁ ଦେଖି ଏଣିକି ଉଦଳାର ସାମଗ୍ରିକ ବିକାଶ ଖୁବ୍ ଦୃତ ଗତିରେ ଆଗେଇ ଚାଲିବ ବୋଲି ଅନେକ ମତ ଦେଇଛନ୍ତି । ତାଛଡ଼ା ଶ୍ରୀନାଥ ସୋରେନ ବିଜୁ ଜନତା ଦଳର ଜଣେ ଆଗଧାଡ଼ିର ନେତା ହୋଇଥିବା ବେଳେ, ବାରମ୍ବାର ଦଳ ବଦଳାଇବା ଭଳି ଶସ୍ତା ରାଜନୀତି ଠାରୁ ସେ ବହୁ ଦୁରରେ ଅଛନ୍ତି । ଯେଉଁଥିପାଇଁକି ଶ୍ରୀନାଥ ସୋରେନଙ୍କର ରହିଛି ସ୍ୱତନ୍ତ୍ର ସମ୍ମାନ । ସେହିପରି ନଗରପାଳ ପ୍ରମିଳା ପଣ୍ଡା ଭାରତୀୟ ଜନତାପାର୍ଟିର ଜଣେ ଆଗଧାଡ଼ିର ନେତ୍ରୀ ହୋଇଥିବା ବେଳେ ଦଳ ବଦଳ ନୀତିକୁ ସେ ଆଦୌ ପସନ୍ଦ କରନ୍ତି ନାହିଁ । ଏହିଭଳି ଦଳକୁ ଭଲପାଉଥିବା ଦୁଇ ସ୍ୱାଭିମାନି ରାଜନେତାଙ୍କର ଏକତ୍ର ମିଳନ ଓ ସାମଗ୍ରିକ ବିକାଶ ପାଇଁ ନିଆଯାଉଥିବା ନିଷ୍ପତି ଅନ୍ୟ ଅଂଚଳ ପାଇଁ ଦୃଷ୍ଟାନ୍ତ ପାଲଟିବ ବୋଲି ଲୋକେ କୁହାକୁହି ହେଉଛନ୍ତି । ତେବେ ବିଜୁ ଜନତା ଦଳର ଦୁର୍ଗ ଦିନକୁ ଦିନ ଦୁର୍ବଳ ହୋଇ ପଡୁଥିବା ବେଳେ ନଗରପାଳ ପ୍ରମିଳା ପଣ୍ଡାଙ୍କ କାର୍ଯ୍ୟକାଳ ସରିବାକୁ ଆଉ ପାଖାପାଖି ଗୋଟିଏ ବର୍ଷ ସମୟ ବାକି ରହିଛି । ଏତିକି ବେଳେ ଦୁଇ ଦଳର ନେତା ମିଳିମିଶି ଉଦଳାର ସାମଗ୍ରିକ ବିକାଶ ପାଇଁ ଉଦ୍ୟମ ଚଳାଇଥିବାରୁ ଏହା ସ୍ଥାନୀୟ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି । ଆଗକୁ 'ଉଦଳା ମହୋତ୍ସବ' ରହିଛି । ଏଥିରେ ଉକ୍ତ ଦୁଇ ରାଜନେତାଙ୍କର ଭୂମିକା କିପରି ରହିବ ତାହା ଦେଖିବା ବାକି ରହିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ...

ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ଢାକାରେ ବିକ୍ଷୋଭକାରୀଙ୍କୁ ବ୍ୟାପକ ହତ୍ୟା ପାଇଁ ଷଡ଼ଯନ୍ତ୍ର, ସାଧାରଣ ନାଗରିକଙ୍କ ଉପରେ ହେଲିକପ୍ଟର ଓ ଡ୍ରୋନ ମାଧ୍ୟମରେ ଗୁଳି ଚଳାଇବା, ଛାତ୍ର କର୍ମୀ ଆବୁ ସୟିଦଙ୍କ ହତ୍ୟା ଏବଂ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହ ଜାଳିଦେବା ଭଳି ସାଙ୍ଘାତିକ ଅଭିଯୋଗ ସାମିଲ ଥିଲା । ଶେଖ ହସିନା ଭାରତରେ ଥିବାରୁ ତାଙ୍କ ଅନୁପସ୍ଥିତିରେ ଏହି ମାମଲାର ବିଚାର କରାଯାଇଥିଲା । ସରକାରଙ୍କ ତରଫରୁ ଜଣେ ଓକିଲଙ୍କୁ ତାଙ୍କ ପକ୍ଷ ରଖିବା ପାଇଁ ନିଯୁକ୍ତ କରାଯାଇଥିଲା । କିନ୍ତୁ ହସିନାଙ୍କ ସହ ତାଙ୍କର କୌଣସି ଯୋଗାଯୋଗ ନଥିଲା । ଶେଖ ହସିନାଙ୍କ ଓକିଲମାନେ ଏହି ବିଚାରକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କହିବା ସହ ଏଥିରେ ଉପଯୁକ୍ତ ପ୍ରକ୍ରିୟାର ଅଭାବ ଥିବା ନେଇ ଜାତିସଂଘରେ ମଧ୍ୟ ଅପିଲ କରିଥିଲେ । ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଶେଖ ହସିନାଙ୍କୁ ମାନବିକତା ବିରୋଧୀ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି । କୋର୍ଟ କହିଥିଲେ ଯେ ବିକ୍ଷୋଭକାରୀଙ୍କ ଉପରେ ହୋଇଥିବା ଆକ୍ରମଣ 'ବ୍ୟାପକ ଏବଂ ଯୋଜନାବଦ୍ଧ' ଥିଲା ଏବଂ ହସିନା ଉସକାଇବାମୂଳକ ଆଦେଶ ଦେଇଥିଲେ ଓ ଏହି ଅତ୍ୟାଚାରକୁ ରୋକିବାରେ ବିଫଳ ହୋଇଥିଲେ । ଏହି ଅପରାଧ ପାଇଁ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଗଲା । ତାଙ୍କ ସହ ପୂର୍ବତନ ଗୃହମନ୍ତ୍ରୀ ଅସାଦୁଜାମାନ ଖାନଙ୍କୁ ମଧ୍ୟ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ, ଅନ୍ୟ ଜଣେ ଅଧିକାରୀ ସରକାରୀ ସାକ୍ଷୀ ପାଲଟିବାରୁ ତାଙ୍କୁ ପାଞ୍ଚ ବର୍ଷର କାରାଦଣ୍ଡ ମିଳିଥିଲା ।

# ଜିଲ୍ଲା ଆଇନ୍ ପ୍ରାଧିକରଣ ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ,୧୭/୧୧(ନି.ପ୍ର) : ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ, ଓଡ଼ିଶା କଟକଙ୍କ ସୂଚନା କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ସଂଗ୍ରମା କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କାଉପୁର ସ୍ଥିତ କଳ୍ପନା ଦେବୀ ଜରା ନିବାସଠାରେ ବରିଷ୍ଠା ବୟସ୍କ ନାଗରିକ ମାନଙ୍କ ନିମନ୍ତେ ଥିବା ଭରଣ ପୋଷଣ, କଲ୍ୟାଣ ମୂଳକ କାର୍ଯ୍ୟ ଯାହାକି ବୟସ୍କ / ବୃଦ୍ଧ ବୃଦ୍ଧା ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସେସବୁ ସଂପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ, ଶ୍ରୀ ପୁଣ୍ୟଶ୍ଳୋକ ରଥ ପରିଚ୍ଛଳନା କରିଥିଲେ। ଶ୍ରୀ ଖଗେଶ୍ୱର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ, ଡଃ ତାପସୀ କୁମାର ମହାନ୍ତି, ସହାୟକ ପ୍ରତିପକ୍ଷ ଓକିଲ, ନ୍ୟାୟ ରକ୍ଷକ, ଭଦ୍ରକ ତଥା କଳ୍ପନା ଦେବୀ ଜରା ନିବାସର ପରିଚ୍ଛଳକ, ଡଃ ହରେକୃଷ୍ଣ ନାୟକ ଏବଂ ବୃଦ୍ଧବୃଦ୍ଧା ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ଆଗେଇ ନେଇଥିଲେ। ଉପସ୍ଥିତ ଥିବା ବୃଦ୍ଧ ବୃଦ୍ଧା ମାନଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା, ବିଷୟରେ ତଥା ସିନିଅର ସିଟିଜେନ ଆକ୍ଟ ୨୦୦୭ ଅନୁଯାୟୀ ବୟସ୍କ ନାଗରିକ ମାନଙ୍କପାଇଁ ଥିବା ଭରଣ ପୋଷଣ ଏବଂ ଜନହିତକର କାର୍ଯ୍ୟ ବିଷୟରେ ମଧ୍ୟ ସଚେତନତା କରାଯାଇଥିଲା। ଅନୁଷ୍ଠାନ ତରଫରୁ ଅନ୍ତେବାସୀ ମାନଙ୍କୁ ଶୀତ କମ୍ବଳ ମଧ୍ୟ ବଣ୍ଟନ କରାଯାଇଥିଲା।

# ସାହିତ୍ୟ ପତ୍ରିକା 'ଆମେମାନେ'ର ପାର୍ବଣ ସଂଖ୍ୟା ଲୋକାର୍ପିତ



ସୋର,୧୭/୧୧(ନି.ପ୍ର) : ଆଜି ସୋର ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ଏକ ସଭାରେ ଷାନ୍ମାସିକ ସାହିତ୍ୟ ପତ୍ରିକା 'ଆମେମାନେ'ର ପାର୍ବଣ ସଂଖ୍ୟା ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ବିଶିଷ୍ଟ କବି ବିଜୟ ମହାପାତ୍ର କହିଥିଲେ ଯେ କେବଳ ନିରୋଳାରେ ନିରୋଳା ସାହିତ୍ୟ ସୃଷ୍ଟି ସମ୍ଭବ। ଆମେମାନେ ର ଭାଷା ଓ ସାହିତ୍ୟ ପ୍ରତି ଉତ୍ସର୍ଗୀକୃତ ଭାବନା ଅନନ୍ୟ ବୋଲି ମୁଖ୍ୟ ଅତିଥି ଅଧ୍ୟାପକ ଡ ଅଭୟ କୁମାର ଦାସ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଅଧ୍ୟାପକ ସୁବ୍ରତ କୁମାର ଦାସ ଓଡ଼ିଆ କବିତାର ଭବିଷ୍ୟତ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ କବି ବିଜୟ ମହାପାତ୍ର, ସୁବ୍ରତ କୁମାର ଦାସ, ଅନିରୁଦ୍ଧ ରାଉତ, ଯାଯାବର, ସୀତାଂଶୁ ଲେଙ୍କା, ଭରତ ଚନ୍ଦ୍ର ଦାସ, ନିର୍ମଳ ଚନ୍ଦ୍ର ସ୍ୱାଇଁ ଓ ମଧୁସ୍ମିତା ବେହେରା କବିତା ପାଠ କରିଥିଲେ। ଉତ୍ସବରେ ସୌଜନ୍ୟ ସମ୍ପାଦକ ଅନିରୁଦ୍ଧ ରାଉତ ପ୍ରାରମ୍ଭିକ ସୂଚନା, ଅଧ୍ୟାପକ ମନୀନ୍ଦ୍ର କୁମାର ଦିକ୍ଷୀତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମ୍ପାଦକ ଯାଯାବର ସଭା ପରିଚାଳନା କରିଥିଲେ। ଶିଳ୍ପୀ ଗୋଲକ ପାତ୍ର, ଶିଳ୍ପୀ ଚୂଡ଼ାମଣି ଦାସ, ପରିଚାଳନା ସମ୍ପାଦକ ଶ୍ରୀଧର ପ୍ରସାଦ ବେହେରା, କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ପ୍ରଦୀପ କୁମାର ଦାସ, ପ୍ରଦୀପ କୁମାର ବିଶ୍ୱାଳ, ଜୟଶ୍ରୀ ନାୟକ, ଚିନ୍ମୟ କୁମାର ପ୍ରମୁଖ ଯୋଗ ଦେଇ ଉତ୍ସବଟିକୁ ସଫଳ କରିଥଲେ।

# ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ ଦିବସର ଦ୍ୱିତୀୟ ଅଧିବେଶନ




ଜଳେଶ୍ୱର,୧୭/୧୧(ନି.ପ୍ର) : ଜଳେଶ୍ୱର ମିଳିତ ସାମ୍ବାଦିକ ସଂଘ ପକ୍ଷରୁ ଗତକାଲି ସନ୍ଧ୍ୟାରେ ପ୍ରେସ ଦିବସ ସମାରୋହର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ସ୍ଥାନୀୟ ସମ୍ବାଦ ପ୍ରତିନିଧି ତଥା ସଂଘର ସମ୍ପାଦକ ସତ୍ୟବ୍ରତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସତ୍ୟଶିବ ଦାସ, ଅନ୍ୟତମ ଅତିଥି ଭାବେ ସଂଘର ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ଦୁର୍ଯ୍ୟ ପାଣିଗ୍ରାହୀ, ଶିକ୍ଷାବିତ କପିଳେଶ୍ୱର ମହାନ୍ତି, ତ୍ରିଲୋଚନ ଗିରି, ସମାଜସେବୀ ସମୀର ପାତ୍ର ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ, ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ସାମ୍ବାଦିକଙ୍କ ଭୂମିକା ଓ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ।ସଂଘ ର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅମର ଆଚାର୍ଯ୍ୟ ସଂଘର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ସେବା ସମ୍ମାନ ପାଇଁ ଚତୁର୍ଥ ଶ୍ରେଣୀ ସ୍ୱାସ୍ଥ୍ୟ କର୍ମଚାରୀ କାଳିଚରଣ ପ୍ରଧାନ, ସଫେଇ କର୍ମଚାରୀ ଲକ୍ଷ୍ମୀଧର ମୁଖୀ,ରିକ୍ସା ଚାଳକ କାଲା ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସଂଘ ର ୩ ଜଣ ସଦସ୍ୟ ଅର୍ଜୁନ କୁମାର ସିଂହ,ରଞ୍ଜନ କୁମାର ବେହେରା ଓ ଗୌରୀଶଙ୍କର ମହାନ୍ତିଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ମନୋଜ କୁମାର ଭୂୟାଁ ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ନେତା ସରୋଜ କୁମାର ପାଣିଗ୍ରାହୀ ବେଦପାଠ କରିଥିଲେ।ଶେଷରେ ରଞ୍ଜନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।ସଭା ପୂର୍ବରୁ ଓ ପରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ବିଚାରକ ଭାବେ ଜ୍ୟୋତିର୍ମୟୀ ଭୂୟାଁ ଓ ଝାନସୀ ରାଣୀ ଦାସ ଦାୟିତ୍ୱ ତୁଲାଇଥିଲେ। ନୃତ୍ୟ ପ୍ରତିଯୋଗିତାକୁ କବିତା ବାଳା ମାନ୍ଧାତା, ଗୋପବନ୍ଧୁ ସାହୁ, ରାଜେଶ ପ୍ରଧାନ, ଆଶିଷ ଗିରି, ବିନୟ ପ୍ରଧାନ,ନବୀନ ସାହୁ, ଆଲୋକ ଘଡେଇ, ସୁବ୍ରତ ଘୋଷ, ଚନ୍ଦନ ମଣ୍ଡଳ, ପ୍ରଦୀପ ଜେନା, ଭୋଳାନାଥ ସିଂହ, ବିଶ୍ୱଜିତ ଧଳ, ସେକ ହସିରୁଦ୍ଦିନ ବକ୍ସ, ସେକ ଅଫସର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ବାରିପଦା,୧୭/୧୧(ନି.ପ୍ର) : ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ସଦଭାବନା ଗୃହରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଯୋଗ ଦେଇଥିବାବେଳେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ମହାନ୍ତି ଓ ଉଦଳା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତା ସଂରକ୍ଷଣ ବିଷୟ ବସ୍ତୁ ଉପରେ ଏଥିରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଅନେକ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ସାମ୍ବାଦିକମାନେ ଉପସ୍ଥିତ ରହିଥିବାବେଳେ ନିଜ ନିଜର ଅଭିଭାଷଣ ରଖିଥିଲେ।

# ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଯୁବ ସମାବେଶ ଅନୁଷ୍ଠିତ




ଭଦ୍ରକ:,୧୭/୧୧(ନି.ପ୍ର) : ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ଅଟଳ ବିହାରୀ ମହାବିଦ୍ୟାଳୟ ପରିସରରେ ଏକ ବିଶାଳ ଯୁବ ସମାବେଶ ଅନୁଷ୍ଠିତ ହୋଇଛି। ଚାରି ଶହରୁ ଉର୍ଦ୍ଧ ସ୍ୱୟଂ ସେବକ ସଂଘ ର କାର୍ଯ୍ୟକର୍ତ୍ତା ମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହେଉଅଛି। ରାଷ୍ଟ୍ରୀୟ ଚେତନା ବିଷୟରେ ବୌଦ୍ଧିକ କାର୍ଯ୍ୟକ୍ରମ ଚାଲୁଅଛି। ମୁଖ୍ୟ ଅତିଥି ଭାବେ ପାର୍ଥ ସାରଥୀ ପଲାଇ ମେଡିକାଲ ଅଫିସର ଖଇରା ଓ ମୁଖ୍ୟ ବକ୍ତା ଭାବେ ସଞ୍ଜୟ କୁମାର ସାହୁ ବାଲେଶ୍ୱର ବିଭାଗ ପ୍ରଚାର ପ୍ରମୁଖ, ରଶ୍ମି ରଞ୍ଜନ ରାଉତ ଜିଲ୍ଲା କାର୍ଯ୍ୟ ବାହ ଯୋଗ ଦେଇ ଉଦ୍ଘାଟନ କରିଥିଲେ। ବିଭିନ୍ନ ସ୍ଥାନ ଯଥା ବାସୁଦେବପୁର ଖଣ୍ଡ, ନଗର, ଚାନ୍ଦବାଲିର ଧାମରା, ସିମୁଳିଆ ଖଣ୍ଡ ରୁ ଯୁବକ ମାନେ ଯୋଗ ଦେଇ ଥିଲେ। ଏହି ଅବସରରେ ଆର୍‌ଏସଏସର ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ଉପସ୍ଥିତ ରହି ଥିଲେ।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଚାନ୍ଦବାଲି,୧୭/୧୧(ନି.ପ୍ର) : ଗତ ଦୁଇ ତାରିଖରେ କାନପୁର ଡ୍ୟାମର ତଳମୁଣ୍ଡ ରେ ବୈତରଣୀ ନଦୀ ରେ ବୁଡି ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଆଜି ମିରିଗିଣିଙ୍ଗା ନିକଟରେ ବୈତରଣୀ ନଦୀରୁ ଉଦ୍ଧାର କରାଯାଇଛି। ସୂଚନା ଯୋଗ୍ୟ କି ଗତ ଦୁଇ ତାରିଖରେ ଚମ୍ପୁଆ ଥାନା ଅନ୍ତର୍ଗତ ରଘୁଆଲସାହି ଗ୍ରାମର ଟୁକୁନା ମୁଣ୍ଡା(୪୦) ଯୋଡା ଥାନା କଣ୍ଡରା ନିକଟରେ ନଦୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ବୁଡି ଯାଇଥିଲେ। ଖବର ପାଇ ଯୋଡା ପୁଲିସ୍ ଓ ଅଗ୍ନିଶମ ବିଭାଗ ପହଂଚି ଖୋଜାଖୋଜି କରିଥିଲେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ତେବେ ଗତ କାଲି ସନ୍ଧ୍ୟାରେ ମିରିଗିସିଙ୍ଗା ବୈତରଣୀ ନଦୀ କୁ ମାଛ ମାରିବାକୁ ଯାଇଥିବା ବେଳେ ନଦୀ କୂଳରେ ଥିବା ଏକ ଗଛରେ ଏକ ମୃତଦେହ ଲାଗିଥିବା ନେଇ ଗ୍ରାମବାସୀ ଦେଖି ଚମ୍ପୁଆ ଥାନାକୁ ଖବର ଦେଇଥିଲେ। ଖବର ପାଇ ଚମ୍ପୁଆ ପୁଲିସ୍ ଚମ୍ପୁଆ ଅଗ୍ନିଶମ ବାହିନୀ ସହାୟତାରେ ଟୁକୁନାଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଚମ୍ପୁଆ ଥାନା କେସ ନଂ ୫୪/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ




ବାଲେଶ୍ୱର,୧୭/୧୧(ନି.ପ୍ର) : ଶେରଗଡସ୍ଥିତ ବାଲେଶ୍ୱର ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୁଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପ୍ରଯୋଜିତ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଡ. ଜ୍ୟୋତିର୍ମୟ ଓଝା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିସିଇଟିର ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟକ୍ଷ ଡ଼. ଶିବେନ୍ଦ୍ର କୁମାର ଘଡ଼େଇ ଶିବିରର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉଦଘାଟନ କରିବା ସହ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. ତପନ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ମୟୂରଭଞ୍ଜ ଜିଲ୍ଲା ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ଜାତୀୟ ସେବା ଯୋଜନାର ମୌଳିକ ତଥ୍ୟ, ନେତୃତ୍ୱ ବିକାଶ, ଡିଜିଟାଲ ସାକ୍ଷରତା, ପ୍ରାଥମିକ ଚିକିତ୍ସା, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ଅପରାଧ ସମସ୍ୟା ଓ ସମାଧାନ, ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ଅପବ୍ୟବହାର, ପରିବେଶ ସୁରକ୍ଷା, ସଡ଼କ ନିରାପତ୍ତା ଓ ନିଶାମୁକ୍ତ ଭାରତ ପ୍ରଭୃତି ସମ୍ପର୍କରେ ସଚେତନତା ସହ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିବିର ସଂଯୋଜକ ଅମ୍ବୁଜ ଲୋଚନ ଦାଶ ସୂଚନା ପ୍ରଦାନ କରିଛନ୍ତି ।

ମଙ୍ଗଳବାର, ନଭେମ୍ବର ୧୮, ୨୦୨୫

ଧ୍ୱନି ପ୍ରତିଧ୍ୱନି



# ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

## ଶୁଭଶ୍ରୀ ପ୍ରଥମ, ହଂସିକା ଦ୍ୱିତୀୟ

ଖଇରା,୧୭/୧୧(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପାଣିସାଉଁଳିସ୍ଥିତ ଶ୍ରୀ ଗୌର ରାଧାକୃଷ୍ଣ ଶିକ୍ଷାକେନ୍ଦ୍ର ରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ପିଲାମାନଙ୍କ ଦ୍ୱାରା ୩୧ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବା ବେଳେ ୪ର୍ଥ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ପରିଡାଙ୍କ ଦ୍ୱାରା ପ୍ରସ୍ତୁତ ବର୍ଷା ଜଳରୁ ଅମଳ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରିଥିଲା । ହଂସିକା ସାମଲ ଦିତୀୟ, କ୍ରୀଷ୍ଣା ସାହୁ ଓ ଦିପେଶ ସାହୁ ତୃତିୟ ସ୍ଥାନ ଅଧିକାର କରିଥିଲେ । ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ସୁଦାମ ଚରଣ ରାଉତ ଉଦଘାଟକ, ପଳାସପୁର ହାଇସ୍କୁଲର ପ୍ରଧାନଶିକ୍ଷକ ଜୟନ୍ତ କୁମାର ପଣ୍ଡା ମୁଖ୍ୟଅତିଥି, ସାରୁଗାଁ ସିଆରସିସି ଉଦୟ ନାରାୟଣ ପାତ୍ର, ପ୍ରଧାନଶିକ୍ଷୟତ୍ରୀ ଗୀତାଞ୍ଜଳି ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ପଳାସପୁର ହାଇସ୍କୁଲର ବିଜ୍ଞାନଶିକ୍ଷକ ମଧୁସୂଦନ ବେହେରା ଏବଂ ପ୍ରଦୀପ କୁମାର ସାହୁଙ୍କ ଦ୍ୱାରା ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରାଯାଇଥିଲା । ଶିକ୍ଷୟତ୍ରୀ ମାଳତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ମେଳା ପରିଚାଳନାରେ ସହଯୋଗ କରିଥିଲେ ।



# ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବସ୍ତା,୧୭/୧୧(ନି.ପ୍ର) : ଆଜି ସକାଳ ଘ: ୧୦ ଟିକା ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବସ୍ତା ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୮ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୮ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୦ ଗୋଟି ସାମୂହିକ ଅଭିଯୋଗ ଉପସ୍ଥାପନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୦୮ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରା, ଉପ ଜିଲ୍ଲାପାଳ ବାଲେଶ୍ୱର ଶ୍ରୀଯୁକ୍ତ ଶିବ ମାଲବ୍ୟଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ




# ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ



ନୀଳଗିରି,୧୭/୧୧(ନି.ପ୍ର) : ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଶନିବାରଦିନ ରତ୍ନାକର ଟାଉନ ହାଇସ୍କୁଲ ପରିସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କନିଷ୍ଠ ଓ ବରିଷ୍ଠ ବିଭାଗର ଛାତ୍ର/ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।କନିଷ୍ଠବିଭାଗରୁ ୫୪ଜଣ ଓ ବରିଷ୍ଠବିଭାଗରୁ ୯୮ଜଣ ଛାତ୍ର/ଛାତ୍ରୀ ବିଭିନ୍ନ ବିଦ୍ୟାଳୟରୁ ଆସି ଅଂଶଗ୍ରହଣ କରିଥିଲେ।ପ୍ରଥମରୁ ପଞ୍ଚମ କନିଷ୍ଠ ଓ ଷଷ୍ଠରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠବିଭାଗ ଥିଲା। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଓ ସୁଭାଷିନୀ ଜୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଉକ୍ତ କାର୍ଯ୍ୟକ୍ରମରେ ଶିବସୁନ୍ଦର ସାହୁ,ଜୟନ୍ତୀ ପ୍ରଧାନ, ବ୍ରହ୍ମାନନ୍ଦ ଦାସ,ସସ୍ମିତା ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ଜାନୁୟାରୀ ୧୨ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀରେ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯିବବୋଲି ସଂସଦ ପକ୍ଷରୁ ସୂଚନା ଦିଆଯାଇଛି।

# ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଶଗଡା ପଞ୍ଚାୟତର ନୂଆ ମକାଗୁଡାଠାରେ ଶୀତକାଳୀନ ସେବା ଶିବିର



ଜୁନାଗଡ,୧୭/୧୧(ନି.ପ୍ର) : ଉତ୍କଳମଣି ସେବାସଂସ୍ଥା ଆନୁକୂଲ୍ୟରେ ଶୀତକାଳୀନ ସେବା ଶିବିର ଭବାନୀପାଟଣା ବ୍ଲକ୍ ଅନ୍ତର୍ଗତ ଶଗଡା ପଞ୍ଚାୟତର ନୂଆ ମକାଗୁଡାଠାରେ ଅନୁଷ୍ଠିତ ହୋଇ ଯାଇଛି। ଦାମୋଦର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଚେତନ ସଭାରେ ସର୍ବ ପ୍ରଥମେ ଉତ୍କଳମଣିଙ୍କ ଫଟୋରେ ସାମୂହିକ ମାଲ୍ୟାର୍ପଣ ପରେ ସମ୍ପାଦକ ଅଜୟ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଆଖପାଖ ଗ୍ରାମରୁ ଆଗତ ଜନସାଧାରଣଙ୍କୁ ଉତ୍କଳ ମଣିଙ୍କ ସେବା ଆଦର୍ଶ ଓ ଅନୁଷ୍ଠାନର ପ୍ରୟାସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ- କୈଳାସ ରାଉତ, ଉଦ୍ଧବ ସାହୁ, ନିରଞ୍ଜନ ସାହୁ, ଚନ୍ଦ୍ର ଶେଖର ସିଂହ, ବିନତା ମାଝି ଓ ଅନ୍ୟମାନେ। ଜଙ୍ଗଲ ଓ ଜନଜାତିଙ୍କ ଜୀବନ ଜୀବିକା ସହିତ ଘନିଷ୍ଠ ସମ୍ପର୍କ ସ୍ଥାପନ ଦ୍ୱାରା ଗୋପବନ୍ଧୁଙ୍କ ସେବାଧର୍ମ ପ୍ରତି ଯଥାର୍ଥ ମର୍ଯ୍ୟାଦା ଦିଆଯାଇ ପାରିବ ବୋଲି ଶିବିରାର୍ଥୀମାନେ ଅନୁଭବ କଲେ। ଶିବିରରେ ଉପସ୍ଥିତ ସମସ୍ତ ଲୋକଙ୍କୁ କମ୍ବଳ, ଔଷଧ, ଛାତ୍ରଛାତ୍ରୀମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯିବା ସହ ପଂକ୍ତି ଭୋଜନର ଆୟୋଜନ କରାଯାଇଥିଲା। ମଧୁସୂଦନ ପଣ୍ଡା, ହେମନ୍ତ ସାସମଲ, ଭଗବାନ ସାହୁ, ରବୀନ୍ଦ୍ର ସାହୁ ଓ ଗ୍ରାମବାସୀ ବୃନ୍ଦ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ବସ୍ତାରେ ଜିଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଶୁଣାଣି ଶିବିର: ୮୮ ଅଭିଯୋଗ




ବସ୍ତା,୧୭।୧୧(ନିପ୍ର): ଆଜି ବସ୍ତା ବ୍ଲକ ସଭାଗୃହରେ ଯୁଗ୍ମ ଜନ ଶୁଣାଣି ଶିବିରରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ, ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ କୁମାର ରାଉତ ପ୍ରମୁଖ ଶୁଣାଣି କରି ଥିଲେ।ଏଥିରେ ସର୍ବମୋଟ ୮୮ ଅଭିଯୋଗ ହୋଇଥିଲା। ବିଶେଷ କରି ଭତ୍ତା, ଆବାସ ପ୍ରମୁଖ ରହିଥିଲା।ବସ୍ତା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମିହିର ରଞ୍ଜନ ବେହେରା, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ଜିଲା ଓ ବ୍ଲକ ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।ଏହି ଜନ ଶୁଣାଣି ଶିବିର ସମ୍ପର୍କରେ ବ୍ୟାପକ ପ୍ରଚାର ହୋଇ ନ ଥିଲା ବିଶେଷ କରି ଅଧିକାଂଶ ପଞ୍ଚାୟତ ପ୍ରତିନିଧି ଅବଗତ ନ ଥିବା ଅଭିଯୋଗ ହୋଇଥିଲା। ସେଥିପାଇଁ ଅଭିଯୋଗ ଅପେକ୍ଷାକୃତ କମ ରହିଥିଲା। ଜିଲା ଅଧିକାରୀ ମାନେ ଅଭିଯୋଗକାରୀଙ୍କୁ ଅପେକ୍ଷା କରି କରି ଶେଷରେ ଚାଲି ଯାଇଥିଲେ।

# ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମହିଳା ସଶକ୍ତିକରଣ ଉପରେ ସମୀକ୍ଷା ବୈଠକ



ବାରିପଦା,୧୭/୧୧(ନି.ପ୍ର) : ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମହାତ୍ମା ଗାନ୍ଧୀ ସମ୍ମିଳନୀ କକ୍ଷ ଠାରେ ମାନ୍ୟବର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମହିଳା ସଶକ୍ତିକରଣ ସମ୍ବନ୍ଧରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟତଃ ମୟୂରଭଞ୍ଜ ଜିଲ୍ଲାରେ ଆଗାମୀ ସମୟରେ ମହିଳାମାନଙ୍କର କିପରି ଆର୍ଥିକ ଅଭିବୃଦ୍ଧି ଘଟିବ ଯଦ୍ୱାରା ସେମାନେ ଆର୍ଥିକ କ୍ଷେତ୍ରରେ ଅଧିକ ସ୍ୱାବଲମ୍ବୀ ହୋଇପାରିବ ସେଦିଗରେ ଆଲୋଚନା ହୋଇଛି। ମହିଳାମାନଙ୍କ ବିକାଶ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଗୁଡିକର ସୁଫଳ ସମାଜରେ ତୃଣ ମୂଳ ସ୍ତରରେ ଥିବା ଲୋକଙ୍କ ପାଖରେ ପହଂଚି ପାରୁଛିକି ନାହିଁ ଏବଂ ଯଦି ପହଞ୍ଚି ପାରୁନାହିଁ ତେବେ ତାହାର କାରଣ କଣ ଓ ଏହା କିପରି ପହଞ୍ଚି ପାରିବ ତଥା ପହଞ୍ଚିବା ପରେ ସଠିକ ଭାବରେ କିପରି ଏହାର କାର୍ଯ୍ୟାନ୍ୱୟନ କରାଯିବ ସେବିଷୟରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଆଲୋଚନା କରିଥିଲେ । ଖୁବଶୀଘ୍ର ପ୍ରଥମ ପର୍ଯ୍ୟାୟରେ ମୋରଡା ନିର୍ବାଚନ ମଣ୍ଡଳୀରେ ପ୍ରତି ଗ୍ରାମପଞ୍ଚାୟତ ସ୍ତରରେ ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରି ସେମାନଙ୍କ ଜୀବନ ଜୀବିକା ରେ ଉନ୍ନତି ଆଣିବା ପାଇଁ ଶିବିର ଆୟୋଜନ କରାଯିବ। ଏଥିରେ ମହିଳାଙ୍କ ଆର୍ଥିକ ବିକାଶ ଦିଗରେ ସରକାରୀ ଯୋଜନା କାର୍ଯ୍ୟକାରୀ କରାଯିବ । ଏଥି ସହ ମହିଳା ଉଦ୍ୟୋଗୀ ଓ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଗୁଡିକୁ ଓରମାସ ଓ ଆଇଟିଡିଏର ସହାୟତାରେ ଉପଯୁକ୍ତ ବିପଣନ ପାଇଁ ବ୍ୟବସ୍ଥା କରାଯିବ ଯଦ୍ୱାରା ଅଧିକ ଲାଭରେ ସାମଗ୍ରୀକୁ ବିକ୍ରି କରାଯିବ ସେଥିପାଇଁ ମଧ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ, ମନ୍ତ୍ରୀଙ୍କ ପି ଏସ ରାମ ଚନ୍ଦ୍ର ସୋରେନ, ଅତିରିକ୍ତ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ, ପି ଏ ଆଇଟିଡିଏ ପ୍ରଣୟ ବେହେରାଙ୍କ ସମେତ ବିଭିନ୍ନ ଲାଇନ ବିଭାଗର ଜିଲ୍ଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ରୁପ୍ସା ନୀଳମଣି ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ ସପ୍ତାହ ପାଳିତ




ରୁପ୍ସା,୧୭/୧୧(ନି.ପ୍ର) : ରୁପ୍ସା ସ୍ଥିତ ନୀଳମଣି ମହାବିଦ୍ୟାଳୟରେ ଦୁର୍ନୀତି ନିବାରଣ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ମାନନୀୟ ଅଧକ୍ଷ ଡ ତପନ କୁମାର ବେହେରା ଅଧକ୍ଷତା କରିଥିବା ବେଳେ ଏନ ଏସ ଏସ ଜିଲ୍ଲା ସଂଯୋଜକ ଗୌରାଙ୍ଗ ପଣ୍ଡା ସ୍ୱାଗତ ଭାଷଣ ରଖିଥିଲେ. ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ ତପନ କୁମାର ଦାସ ଦୁର୍ନୀତିର ଚେର ଲମ୍ବା ବୋଲି ମତାମତ ଦେଇଥିଲେ. ଗଣିତ ବିଭାଗ ମୁଖ୍ୟ ଶମ୍ଭୁନାଥ ଗିରି କହିଥିଲେ ପାଠ ପଢା ଅଫିସର ଓଏସ, ଆଇ ଏସ ପଦବୀରେ ଲାଞ୍ଚ ନେଇ ଜେଲ ଯିବା ଅତ୍ୟନ୍ତ ଲଜ୍ଜା. ପ୍ରଶାସନିକ ଅଧିକାରୀ ସରୋଜ କୁମାର ପାଣି ଦୁର୍ନୀତି ସଚେତନତା ଜରୁରୀ ବୋଲି କହିଥିଲେ. ଏନ ଏସ ଏସ ପ୍ରୋଗ୍ରାମ ଅଫିସର କାବେରୀ ସାହୁ ଧନ୍ୟବାଦ ଦେଇଥିଲେ । ବିଷୟ ବିଶେଷଜ୍ଞ ଡ ଶାନ୍ତନୁ ଜେନା, ସତେନ୍ଦ୍ର ପାଲ, ଚନ୍ଦନ କୁମାର ଦାସ ଦୁର୍ନୀତି ନିବାରଣ ଓ ସାମ୍ପ୍ରତିକ ସମସ୍ୟା ଉପରେ ଆଲୋକପାତ କରିଥିଲେ

# ଟାଉନହଲ୍ ପାଇଁ ସରିଲା ଜାଗା ଚିହ୍ନଟ: ଖୁବଶୀଘ୍ର ଟେଣ୍ଡର



ନୀଳଗିର,୧୭/୧୧(ନି.ପ୍ର) : ନୀଳଗିରି ସହରବାସୀଙ୍କ ଆଗ୍ରହ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟସରକାରଙ୍କ ଗୃହ ଓ ନଗର ଉନ୍ନୟନବିଭାଗ ଦ୍ୱାରା ଗତ ନଭେମ୍ବର ୩ତାରିଖ ମୁଖ୍ୟମନ୍ତ୍ରୀ ସହରବିକାଶ (ଏମଏସବିୱାଇ)ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨କୋଟି ଅର୍ଥରାଶି ମଞ୍ଜୁର କରିଛନ୍ତି । ଦୀର୍ଘଦିନଧରି ସହରାଞ୍ଚଳବାସୀ ଦାବୀ କରିଆସୁଥିବା ବେଳେ ସ୍ଥାନୀୟ ବିଧାୟକ ଏବଂ ସାଂସଦ ମଧ୍ୟ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଚିଠିଲେଖି ଅନୁରୋଧ କରିଥିଲେ। ସହରରେ ବିଭିନ୍ନ ସାଂସ୍କୃତିକ, ରାଜନୈତିକ, ସଭାସମିତି ବିଭାଘର ପାଇଁ ଟାଉନହଲ ର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଯୋଜନା ପ୍ରଣୟନ ହେଉଥିବା ବେଳେ ଟାଉନହଲ ନିର୍ମାଣନେଇ ଜାଗା ଚିହ୍ନଟ ହୋଇଥିବା ଜଣାଯାଇଛି। ଗତ ନଭେମ୍ବର ୧୫ତାରିଖ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଏନଏସି ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ରନାଥ ବେହେରାଙ୍କ ସହିତ ତହସିଲଦାର ସୋନମ୍ ଦାସ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡାଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଜେଲରୋଡରେ ଥିବା କ୍ଷୁଦ୍ର ଜଳସେଚନ କାର୍ଯ୍ୟାଳୟ ପରିସର ମଧରେ ଥିବା ସରକାରୀ ଜମି ଏବଂ ତତ୍ ସଂଲଗ୍ନ ଚିଲ୍ଡରେନ୍ସ ପାର୍କକୁ ନେଇ ଏହି ଟାଉନହଲ ନିର୍ମାଣ ପାଇଁ ଏକପ୍ରକାର ଜାଗାଚିହ୍ନଟ ହୋଇଥିବା ବିଶେଷସୂତ୍ରରୁ ପ୍ରକାଶ। ତେବେ ଖୁବଶୀଘ୍ର ନିର୍ମାଣପାଇଁ ଟେଣ୍ଡର ଆହ୍ୱାନ କରାଯିବାକୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

# ମଞ୍ଚାରେ ଜୀବନ: ହାତୀ କବଳରୁ ଫସଲ ସୁରକ୍ଷିତ ପାଇଁ ଶୀତକାକରରେ ଜଗିଛି ଚାଷୀ



ନୀଳଗିରି,୧୭/୧୧(ନି.ପ୍ର) : ଗୋଟିଏବର୍ଷର ଦାନାକୁ ବଞ୍ଚାଇବାପାଇଁ ଜୀବନକୁ ପାଣିଛଡାଇ ଶୀତକାକରକୁ ଖାତର ନକରି ଗଛରେ ମଞ୍ଚାବାନ୍ଧି ଧାନ ଫସଲକୁ ଦିନରାତି ଜଗିବସିଛନ୍ତି ଚାଷୀ।ଧାନଅମଳ ସମୟ ନିକଟତର ହୋଇଥିବାବେଳେ ଜଙ୍ଗଲ ପାଦଦେଶରେ ଥିବା ବିଲଗୁଡିକରେ ହାତୀମାନେ ଉପଦ୍ରବ କରୁଛନ୍ତି।ଫଳରେ ହାତୀପାଇଁ ଚାଷୀରସାଥୀ ସାଜିଛି ଗଛର ମଞ୍ଚା। ପେଟପାଇଁ ରାତିର କିଟକିଟ୍ ଅନ୍ଧାର ଓ ଶୀତର ପ୍ରକୋପକୁ ଖାତର ନକରି ମଞ୍ଚାଉପରେ ରାତିତମାମ ହାତୀ ଓ ଜଙ୍ଗଲୀ ଜନ୍ତୁଙ୍କୁ ଜଗି ବସୁଛନ୍ତି ଚାଷୀ ମାନେ। ରାତିହେଲେ ବାରହା,ହାତୀ ଓ ଜଙ୍ଗଲୀରେ ରହୁଥିବା ଗୋରୁଗୁଡିକ ଧାନ କ୍ଷେତରେ ପଶି ଧାନଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଫଳରେ କେଉଁ ଚାଷୀ ମଞ୍ଚାଉପରେ ବସି ଟିଣ ପିଟି ଚାଷକୁ ବଞ୍ଚାଉଛି ତ ଆଉକିଏ ନିଜର ଧାନ ଫସଲକୁ ସୁରକ୍ଷିତ ରଖିବା ପାଇଁ ଟର୍ଚ୍ଚଲାଇଟ୍ ସାହାଯ୍ୟରେ ହାତୀଙ୍କୁ ଘଉଡ଼ାଉଛନ୍ତି । ନୀଳଗିରିରେ ମୋଟ ଭାବରେ ୧୦ ହଜାର ୨୪୦ ହେକ୍ଟର ଚାଷ ଜମିରେ ଧାନଚାଷ ହୋଇଥିବା ବେଳେ ଔପଦା ବ୍ଲକରେ ୯ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଚାଷଜମିରେ ଧାନଚାଷ ହୋଇଛି। କୁଳଡିହା ଅଭୟାରଣ୍ୟ ପାଦଦେଶରେ ରହୁଥିବା ବାଉଁଶବଣିଆ, ଶ୍ୟାମସୁନ୍ଦରପୁର, କାଣ୍ଡଗରଡି, ଦକ୍ଷିଣନରସିଂହପୁର, ଇଶ୍ୱରପୁର, ସିଆଡିମାଳ, କେସିପୁର, ଛତ୍ରପୁର, ନରଣପୁର, ଜଡିଦା, ଜାମୁଡିହା, ପିଠାହଟା, ତେଲିପାଳ,ଗରଡିହୀ, ଭଉଁରିଆବାଡ, ଜାମବଣି, ବରହମପୁର,ସଜନାଗଡ ଆଦି ୧୮ଟି ପଞ୍ଚାୟତ ଓ ନୀଳଗିରି ଏନଏସିର ୧,୨,୪ ୱାର୍ଡର ଚାଷ ହୋଇଥିବା ୧୦ ହଜାରରୁ ଉର୍ଦ୍ଧ୍ୱ ହେକ୍ଟରର ଚାଷଜମିକୁ ହାତୀମାନେ ନଷ୍ଟ କରିଦେଉଛନ୍ତି। ନଟାପଡା ଗ୍ରାମର ଚାଷୀ ରମା ମାଝୀ ପଚାରିବାରୁ ସ୍ଥଳଭାଗରେ ସରୀସୃପ ଓ ବେଙ୍ଗଲ ହାତୀଙ୍କ ଭୟ କାରଣରୁ ଗଛରେ ମଞ୍ଚାବାନ୍ଧି ରହିବାକୁ ପଡୁଛି। ବିହନ ପଡିଲା ଦିନଠୁ ପ୍ରାୟ ୬ ମାସ ହେବ ଚାଷଜମିକୁ ଜଗିବାକୁ ପଡୁଛି ବୋଲି କହିଛନ୍ତି। ଖମଖୁଟ ଗ୍ରାମର ଚାଷୀ ଶଙ୍କରା ମୁର୍ମୁ କୁହନ୍ତି କି ଭୟ ଲାଗେ ତଥାପି ଯେହେତୁ ବର୍ଷକର ଦାନା ଆମର କେତେ ଧାରକରଜ କରିକରିଛୁ ଜୀବନକୁ ପାଣି ଛଡାଇ ଜଗିବାକୁ ପଡେ। ଯଦି ସୋଲାର ଫେନ୍ସି ହୁଅନ୍ତା ତେବେ ଫସଲପାଇଁ ଜୀବନ ପାଣି ଛଡାଇବାକୁ ପଡନ୍ତାନାହିଁ ବୋଲି ଚାଷୀମାନେ କହିଛନ୍ତି।

# ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ଟି.ଭେନୁ ଗୋପାଳ



ପାରାଦୀପ,୧୭/୧୧(ନି.ପ୍ର) : ଆଜି ଟି.ଭେନୁ ଗୋପାଳ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଟି ଭେନୁ ଗୋପଳ ବିଶାଖାପାଟଣା ବନ୍ଦରର ସଚିବ ଭାବେ କାର୍ଯ୍ୟ କରୁଥିଲେ । ବିଶାଖାପାଟନା ବନ୍ଦରରେ ୧୯୯୫ ମସିହାରେ ବରିଷ୍ଠ ଅଧିକାରୀ ଭାବେ ଯୋଗ ଦେବା ପରେ ୨୦୧୯ ମସିହାରେ ଦୀନଦୟାଲ ବନ୍ଦର ସଚୀବ ଭାବେ କାର୍ଯ୍ୟ କରିଥିଲେ । ବିଶାଖାପାଟଣା ବନ୍ଦର ସଚୀବ ଭାବେ ୨୦୧୪-୨୦୧୮ ପର୍ଯ୍ୟନ୍ତ ଭାରପ୍ରାପ୍ତ ସଚୀବ ଭାବେ କାର୍ଯ୍ୟ କରିବାରେ ତାଙ୍କର ଅଭିଜ୍ଞତା ରହିଛି । ୨୦୨୦ ମସିହାରେ ବିଶାଖାପାଟନା ବନ୍ଦର ସଚୀବ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେଠାରେ ଅତିରିକ୍ତ ଭାବେ ଟ୍ରାଫିକ ମ୍ୟାନେଜର, ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱ ନେଇ ନିଜର କାର୍ଯ୍ୟ ଦକ୍ଷତା ପ୍ରମାଣିତ କରିଥିଲେ। ଇରନୟାସନାଲ୍ କ୍ରୁଜ୍ ସିପ୍ ପରିଚାଳନା, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ, ସ୍କିଲ୍ ଡେଭଲପମେଣ୍ଟ ଆଦି କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ରହିଛି । ଦାୟିତ୍ୱ ଗ୍ରହଣ କରିବା ପରେ ବନ୍ଦର ଅଧକ୍ଷ ପି.ଏଲ. ହରନାଦଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରିଥିଲେ । ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ, ଅଧିକାରୀମାନେ ଶ୍ରୀ ଭେନୁ ଗୋପାଳଙ୍କୁ ଆଜି ସ୍ୱାଗତ କରିଥିଲେ। ପାରାଦୀପ ବନ୍ଦର ଉପାଧକ୍ଷ ନିଲଭ୍ର ଦାସଗୁପ୍ତାଙ୍କ ବଦଳି ହେବା ପରେ ୪ ମାସ ଧରି ପାରାଦୀପ ବନ୍ଦରର ଉପାଧକ୍ଷ ପଦ ଖାଲି ଥିଲା ।ତେବେ ପରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଶ୍ରୀ ଭେନୁ ଗୋପାଳଙ୍କୁ ପାରାଦୀପ ବନ୍ଦର ଉପାଧକ୍ଷ ଭାବେ ନିଯୁକ୍ତି ଦିଆଯାଇଥିଲା ।

# ୧୫ତମ ଜଗଦ୍ଧାତ୍ରୀ ମହୋତ୍ସବର ଷଷ୍ଠ ସନ୍ଧ୍ୟା: ପୀୟୁଷଙ୍କ ଡାଇଲଗରେ ଦର୍ଶକ ଖୁସ

ନୀଳଗିରି,୧୭/୧୧(ନି.ପ୍ର) : ନୀଳଗିରି ବ୍ଲକ ମିତ୍ରପୁର ସ୍ଥିତ ଖେଳପଡିଆରେ ୧୫ତମ ଜଗଦ୍ଧାତ୍ରୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି ।ଏହି ମହୋତ୍ସବର ଷଷ୍ଠସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ମାନ୍ୟବର ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ମହୋତ୍ସବ ମାଟିର କଥାକୁ ମନେପକେଇବା ସହିତ ସମସ୍ତଙ୍କୁ ଏକସୂତ୍ରରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଯାତ୍ରା ଜଗତର ଚର୍ଚ୍ଚିତ ଖଳନାୟକ ପୀୟୁଷ ତ୍ରିପାଠୀ ଯୋଗ ଦେଇ ଦର୍ଶକମାନଙ୍କୁ ଉଦ୍‌ବୋଧନ ଦେବା ସହ ନିଜ ଡାଇଲଗରେ ଲୋକଙ୍କ ମନୋରଞ୍ଜନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ ନେତା ଆଶିଷ ପଟ୍ଟନାୟକ, ତାପସ ପରିଡା, ରଞ୍ଜନ ଦାସ, ସମାଜସେବୀ ମନୋରଞ୍ଜନ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିବା ବେଳେ କମିଟିର ସଦସ୍ୟ ଧୀରେନ୍ଦ୍ର ଲେଙ୍କା ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida